## ସଂକ୍ଷେପରେ

### ରାତିରେ ହେଉଛି ଗୋ ଚାଲାଣ

**କୁଆମରା,୧୫ା୧୨(ଡି.ଏନ୍.ଏ.):** ମୟୂରଭଞ୍ଜ ଜିଲାର ବିଭିନ୍ନ ସାପ୍ତାହିକ ଗୋରୁହାଟରୁ ପଡ଼ୋଶୀ ପଶ୍ଚିମବଙ୍ଗକୁ ରାତ୍ରି ସମୟରେ ପିକ୍ଅପ ଭ୍ୟାନରେ ଗୋ ଚାଲାଣ ହେଉଛି। ଉଦଳା ଉପଖଣ୍ଡରୁ ପ୍ରତି ସପ୍ତାହର ଦୁଇ ଦିନ ବଳଦ ଓ ଗାଈଙ୍କୁ ଦଲାଲ ଅବାଧରେ ପଶ୍ଚିମବଙ୍ଗକୁ ଚାଲାଣ କରୁଥିଲେ ମଧ ପୋଲିସ ଓ ପ୍ରଶାସନର ନିଘା ନ ଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଦୁଇ ବର୍ଷ ତଳେ ଉଦଳା-ବୈଁଶିଙ୍ଗା ରାସ୍ତା ଦେଇ ୮ଟି ପିକଅପ୍ ଭ୍ୟାନ୍‌ରେ ଗୋ ଚାଲାଣ କରାଯିବା ବେଳେ ପୁରୁଣା ବାରିପଦାଠାରେ ଲୋକେ ଏହାକୁ ଅଟକ ରଖିଥିଲେ। ସେଠାରୁ ୯୭ଟି ଗୋରୁଙ୍କୁ ଉଦ୍ଧାର କରି ବାଲେଶ୍ୱରର ଏକ ଗୋଶାଳାକୁ ପଠାଯାଇଥିଲା। ସେବେଠାରୁ ଏହି ରାସ୍ତା ଦେଇ ଗୋ ଚାଲାଣ ବନ୍ଦ ଥିଲେ ମଧ ପରେ ବେପାରୀ ସକ୍ରିୟ ହୋଇ ପୁଣି ଗୋ ଚାଲାଣ ଆରମ୍ଭ କରିଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି।

### ଗ୍ରାମାଞ୍ଚଳ କ୍ରିକେଟ ଟୁର୍ନାମେଣ୍ଟ

**କପ୍ତିପଦା,୧୫ା୧୨(ଡି.ଏନ୍.ଏ.):** କପ୍ତିପଦା ବ୍ଲକ୍ ଲାବଣ୍ୟଦେଇପୁର ପଞ୍ଚାୟତର କଟୁରିଆ ଗ୍ରାମରେ ୨୧ତମ କ୍ରିକେଟ୍ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। କପ୍ତିପଦା ଓ ବାବା ବିରାଟେଶ୍ୱର କ୍ରିକେଟ୍ ଦଳ ମଧ୍ୟରେ ଫାଇନାଲ ଅନୁଷ୍ଠିତ ହୋଇଥିଲା। ଏଥିରେ କପ୍ତିପଦା ଦଳ ଚାମ୍ପିୟନ ହୋଇଥିଲା। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥିଭାବେ ସ୍ଥାନୀୟ ସମିତି ସଭ୍ୟ କାଇରା ସିଂ ବାଦିଆ ଓ ସାନ୍ତାଳୀ ସଙ୍ଗୀତ ଲେଖକ ନାରଣ କିସ୍କୁ ଯୋଗଦେଇ ଚାମ୍ପିୟନ ଓ ରନର୍ସଅପ୍ ଦଳକୁ ପୁରସ୍କୃତ କରିଥିଲେ। ଖେଳ ପରିଚାଳନା କରିଥିଲେ ଅନୁଷ୍ଠାନର ବୈଶାଖ ବେହେରା ଓ ସନ୍ତୋଷ ବେହେରା। ଅନୁଷ୍ଠାନର ସମ୍ପାଦକ ଧର୍ମେନ୍ଦ୍ର ମୁର୍ମୁଙ୍କ ସହଯୋଗରେ ତୁରାମ ସିଂ, ସନିଆ ବେହେରା, ନାରଣ ମୁର୍ମୁ, ମାସା କିସ୍କୁ, ଶବର ସୋରେନ୍, ଧନୁ ହେମ୍ବ୍ରମ୍, ଡ଼ିବେ ପାତ୍ର ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

### ଦୁର୍ଘଟଣାରେ ଯୁବକ ମୃତ

**ଠାକୁରମୁଣ୍ଡା,୧୫ା୧୨(ଡି.ଏନ୍.ଏ.):** କରଞ୍ଜିଆ ଥାନା ଟାଟୋ-ବିଉଁରିଆ ଗ୍ରାମ୍ୟ ରାସ୍ତାର ଟାଟୋ ନିକଟରେ ରବିବାର ସକାଳେ ଏକ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତ ଯୁବକ ହେଲେ ବିଉଁରିଆ ଗ୍ରାମର ସତ୍ୟଭାନୁ ସାହୁ। ଟାଟୋ ଛକରୁ ଘରକୁ ଫେରୁଥିବା ବେଳେ ଏକ ଅଜଣା ଗାଡ଼ି ଧକ୍କା ଦେଇଥିଲା। ଫଳରେ ରାସ୍ତାକଡ଼ରେ ଥିବା ଏକ ବିଦ୍ୟୁତ ଖୁଣ୍ଟରେ ପିଟି ହୋଇ ତାଙ୍କର ମୃତ୍ୟୁ ହୋଇଥିଲା। କରଞ୍ଜିଆ ପୋଲିସ ପହଞ୍ଚି ମୃତଦେହ ଜବତ କରି କରଞ୍ଜିଆ ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଉଲ୍ଲେଖଯୋଗ୍ୟ ଯେ, କିଛି ଦିନ ତଳେ ମୃତ ସତ୍ୟଭାନୁଙ୍କ ଜଣେ ଭାଇଙ୍କର ମଧ ଦୁର୍ଘଟଣାରେ ମୃତ୍ୟୁ ଘଟିଥିଲା।

### ସଫେଇ ବାହାନାରେ ଠକି ନେଲେ ସୁନା ଅଳଙ୍କାର

**ବାରିପଦା ଅଫିସ,୧୫ା୧୨:** ବାରିପଦା ସହରରେ ଚଳିତ ବର୍ଷ ଅପରାଧିକ କାର୍ଯ୍ୟକଳାପ ବିଗତ ବର୍ଷ ଅପେକ୍ଷା ବୃଦ୍ଧି ଘଟିଛି। ପୋଲିସ ଚାହିଁଲେ ସୁଦ୍ଧା ଅପରାଧକୁ କମାଇ ପାରୁ ନାହିଁ । ଚୋରି, ଡକାୟତି ଓ ଲୁଟ ନିତିଦିନିଆ ଘଟଣା ପାଲଟିଛି। ତେବେ ପୋଲିସ ଅପରାଧୀଙ୍କୁ ଧରିବାରେ ଫେଲ୍ ମାରୁଥିବାରୁ ଲୋକଙ୍କ ସମାଲୋଚନାର ଶିକାର ହେଉଛି । ରବିବାର ଦିନ ଦ୍ୱିପ୍ରହରରେ ବାରିପଦା ସୁନାମୁହିଁ ଅଞ୍ଚଳର ସଂଦୀପ୍ତ ମାଇତିଙ୍କ ଘରୁ ସଫେଇ କରିଦେବା କହି ସୁନା ଅଳଙ୍କାର ଧରି ଛୁ ମାରିଛନ୍ତି ୨ଜଣ ଯୁବକ। ସୁନା ମୁଦି ଓ ହାରକୁ ନେଇ ସେମାନେ ଫେରାର ହୋଇ ଯାଇଥିବା ଥାନାରେ ଅଭିଯୋଗ ହୋଇଛି। ଏହି ୨ ଯୁବକ ଏକ ମୋଟରସାଇକଲରେ ଆସିଥିବା ଲୋକେ କହୁଛନ୍ତି । ପ୍ରଥମେ ଘରର ପିତଳ ସାମଗ୍ରୀକୁ ସେମାନେ ସଫା କରି ଦେଖାଇ ଥିଲେ। ଏହା ଚକ ଚକ ହେବାପରେ ସୁନା ଅଳଙ୍କାର ସଫେଇ କରିଦେବେ ବୋଲି କହି ୨ ଯୁବକ ଠକି ଥିବା ଅଭିଯୋଗରେ ଦର୍ଶାଯାଇଛି। ତେବେ ଏହା ବାରିପଦାରେ ନୂଆ ଘଟଣା ନୁହେଁ। ବାହାର ଅଞ୍ଚଳର କିଛି ଯୁବକ ଏଠାକୁ ଆସି ନିୟମିତ ସହର ଓ ଗ୍ରାମାଞ୍ଚଳକୁ ଯାଇ ଠକେଇ କରୁଛନ୍ତି । ଏମାନଙ୍କୁ ଧରିବା ପାଇଁ ପୋଲିସ ପକ୍ଷରୁ ସ୍ୱତନ୍ତ୍ର ସ୍କ୍ୱାଡ ଗଠନ ପାଇଁ ଦାବି ହେଉଛି ।

# ଚାଷୀଙ୍କୁ ଘାରିଛି ଜୋକ, ଗେଣ୍ଡା ଭୟ



- ବିଲବାଡ଼ିକୁ ଲୁଣ ଓ କିରୋସିନ ନେଇ ଯିବାକୁ ପଡୁଛି
- ପ୍ରଶାସନ ପଦକ୍ଷେପ ନେବାକୁ ଦାବି

**ବଡ଼ସାହି,୧୫ା୧୨(ସ୍ୱ.ପ୍ର)**

ଜୋକ ନାଁ ଶୁଣିଲେ ବା ଦେଖିଲେ ମନରେ ଛନକା ପଶିଥାଏ। ଖୁବ୍ କମ୍ ସମୟ ମଧ୍ୟରେ ଏହା ଲୋକଙ୍କ ଶରୀରରୁ ରକ୍ତ ଶୋଷି ନେଇଥାଏ। ନଦୀକୂଳ ଅଞ୍ଚଳରେ ଜୋକ ଓ ଗେଣ୍ଡା ବଂଶବୃଦ୍ଧି ଯୋଗୁଁ ଲୋକେ ନିଜ କ୍ଷେତକୁ ପଶିବାକୁ ଇଚ୍ଛାପ୍ରକାଶ କରୁନାହାନ୍ତି। ଏପରି ଘଟଣା ଦେଖିବାକୁ ମିଳିଛି ବୁଢାବଳଙ୍ଗ ନଦୀର ଉଭୟ ପାର୍ଶ୍ୱରେ ଥିବା ଗାଁ ଗଣ୍ଡାମାନଙ୍କରେ। ପ୍ରଶାସନ ପକ୍ଷରୁ କୌଣସି ପ୍ରତିକାର ମୂଳକ ବ୍ୟବସ୍ଥା ଗ୍ରହଣ କରାଯାଉ ନ ଥିବାରୁ ଅଞ୍ଚଳରେ ଅସନ୍ତୋଷ ବୃଦ୍ଧି ପାଉଛି।

ମୟୂରଭଞ୍ଜ ଜିଲା ଶିମିଳିପାଳରୁ ବାହାରିଥିବା ବୁଢାବଳଙ୍ଗ ନଦୀ ବଡ଼ସାହି ବ୍ଲକ ଦେଇ ପ୍ରବାହିତ ହେଉଛି। ଗତ ୨୦୧୩ ଫାଇଲିନ ବାତ୍ୟା ସମୟରେ ଗାଁଗଣ୍ଡାରେ ପାଣି ପଶି ବ୍ୟାପକ କ୍ଷୟକ୍ଷତି ଘଟିଥିଲା। ନଦୀକୂଳବର୍ତ୍ତୀ ପ୍ରତାପପୁର, ବାଥୁଡିବନ୍ଧ, ମାଧପୁର, ଆରପଟା, ଭଞ୍ଜବାଟୀ, ମାଙ୍କଡାପାଳ, ବଳଭଦ୍ରପୁର, ସିଂହଟିଆ, ବାଘୁଆପାଳ, ପତରାପଦା, ବେଲପାଳ, ଖୁଣ୍ଟାପାଳ, ଘୁଷୁରିଆ, ଜୁଣପଦା, ବାଗୁଲି, ଡିଙ୍ଗିରା, ବାରିହାପାଳ, ବର୍ତ୍ତନା, ଅସ୍ତପୁରା, ଶଙ୍କୁଚା, ଗମ୍ଭାରିଆ, ତେନ୍ତଳ, ଜଳନଣ୍ଡ, ଆସୁକନ୍ଦ, ରଙ୍ଗପାଣି, କୋଲକଠା, ସର୍ବେପର୍ଶ୍ୱରପୁର,ମହୁପୁରା, ମିରିଗିଦାରୀ, କୁଡିମୁଣ୍ଡାଧନାପାଳ, ଉତ୍ତରପାଳ ଓ ସୋରିଷକୋଠା ଆଦି ଗ୍ରାମରେ ବନ୍ୟା ଜଳ ଛାଡିଯିବା ପରେ ଶିମିଳିପାଳ ଜଙ୍ଗଲର ଉପରମୁଣ୍ଡରୁ ଜୋକ ଗୁଡିକ ଚାଲି ଆସିଥିଲେ। ଜଙ୍ଗଲରୁ ଆସିଥିବା ଜୋକଗୁଡିକ ନଦୀ ପଠା ଓ ସନ୍ତସନ୍ତିଆ ଅଞ୍ଚଳରେ ରହିବାରୁ ଏବେ ସେମାନଙ୍କ ବଂଶ ବୃଦ୍ଧି ଘଟିଛି। କାଳକ୍ରମେ ଜୋକଗୁଡିକ ପରିବା ଓ ଧାନ ଚାଷଜମିରେ ବ୍ୟାପକ ପରିମାଣରେ ଦେଖିବାକୁ ମିଳୁଛନ୍ତି। ଚାଷୀମାନେ ବିଲବାଡିକୁ ଚାଷ କରିବାକୁ ଯିବା ପୂର୍ବରୁ ଜୋକ ଭୟ ସେମାନଙ୍କୁ ଘାରୁଛି। ଆରପଟା ଗ୍ରାମର ଚାଷୀ ଯୋଗେନ୍ଦ୍ର ଆଚାର୍ଯ୍ୟ କହନ୍ତି, ଜମିକୁ ଯିବା ପୂର୍ବରୁ ଜୋକ ପାଇଁ ସାବଧାନତା ଅବଲମ୍ବନ କରାଯାଇଥାଏ। ଶରୀରର ହାତ ଓ ଗୋଡରେ କିରୋସିନ ଲଗାଇ ବିଲକୁ ଯିବାକୁ ପଡୁଛି। ଜୋକ ଥରେ ଲାଗିଲେ ୫୦ ମି.ଗ୍ରାରୁ ଉର୍ଦ୍ଧ୍ୱ ରକ୍ତ ଶୋଷି ନେଇଥାଏ। ସେହିପରି ପରିବା ଗଛ ଗୁଡିକୁ ଗେଣ୍ଡା ଖାଇ ଶେଷ କରି ଦେଉଛନ୍ତି। ଏଣୁ ବିଲବାଡ଼ିରେ ଜୋକ ଓ ଗେଣ୍ଡା ଭୟରେ ଚାଷ କରିବାକୁ ଇଚ୍ଛା ହେଉ ନାହିଁ। ସେହିପରି ଖୁଣ୍ଟାପାଳ ଗ୍ରାମର ଶିରୀଶ ଚନ୍ଦ୍ର ମହାନ୍ତ କୁହନ୍ତି, ବର୍ଷସାରା ଚାଷ ଜମିରେ ପାଣି ମଡ଼ାଇବା ସମୟରେ ଜୋକଗୁଡିକ ଦେହରେ ଲାଗି ଯାଆନ୍ତି। ସାମାନ୍ୟ ଅସବାଧନତା ଯୋଗୁଁ ୪/୫ ଜୋକ ଦେହରେ ଲାଗି ବହୁ ରକ୍ତ ଶୋଷି ନେଉଛନ୍ତି। ଗାଈଗୋରୁ ଚରିବା ସମୟରେ ଜୋକ ଲାଗିବା ଦ୍ୱାରା ସେମାନଙ୍କ ଶରୀରରୁ ରକ୍ତ ବାହାରୁଛି। ବିଲବାଡିକୁ ଗଲା ବେଳେ ସାଙ୍ଗରେ ଲୁଣ ଓ ତେଲ ନେଇ ଯିବାକୁ ପଡିଥାଏ ବୋଲି କହିଛନ୍ତି। ସ୍ୱାସ୍ଥ୍ୟ କିମ୍ବା କୃଷି ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନ ଥିବାରୁ ଏମାନଙ୍କ ସଂଖ୍ୟା ଦିନକୁ ଦିନ ବଢିବାରେ ଲାଗଛି। ବେଲପାଳ ଗ୍ରାମର ମାନସ ରଞ୍ଜନ ଭୂୟାଁ, ଶଙ୍କରାଚାର୍ଯ୍ୟ ଜେନା ଓ ନିରଞ୍ଜନ ଜେନା କୁହନ୍ତି, ଗତ ଫାଇଲିନରେ ଭାସି ଆସିଥିବା ଜୋକ ସହିତ ଗେଣ୍ଡାଙ୍କ ବଂଶ ବୃଦ୍ଧି ପାଇଛି। ଘର ବାଡିରେ ଜୋକଗୁଡିକ ସାଲୁବାଲୁ ହୋଇ ରହୁଥିବା ବେଳେ ଘର ଭିତରକୁ ଗେଣ୍ଡା ପଶିଆସୁଛନ୍ତି। ଏପରିକି ରୋଷେଇ ଓ ଶୋଇବା ଘରେ ମଧ ଏମାନଙ୍କ ଚଳପ୍ରଚଳ ରହୁଛି। ରାତି ଅନିଦ୍ରା ହୋଇ ଗେଣ୍ଡା ମାରିବା ବ୍ୟତିତ ଅନ୍ୟ କୌଣସି ଉପାୟ ନାହିଁ ବୋଲି ପ୍ରକାଶ କରିଛନ୍ତି। ସେମାନଙ୍କ ପ୍ରାଦୁର୍ଭାବରୁ ମଣିଷ ଓ ଗୃହପାଳିତ ପଶୁ ରକ୍ଷା ପାଇବା ପାଇଁ ପ୍ରଶାସନ ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ଶସ୍ୟ ସଂରକ୍ଷଣ ଅଧିକାରୀ ତପନ ମହାପାତ୍ର କୁହନ୍ତି, ଜୋକ ଓ ଗେଣ୍ଡା ବୃଦ୍ଧି ସମସ୍ୟାକୁ ନେଇ ବିଭାଗୀୟ ନିର୍ଦ୍ଦେଶକଙ୍କ ଦୃଷ୍ଟି ଆକର୍ଷଣ କରିଛୁ। ବର୍ତ୍ତମାନ ସୁଦ୍ଧା ପ୍ରତିକାର ପାଇଁ କୌଣସି ବ୍ୟବସ୍ଥା କରାଯାଇ ପାରି ନାହିଁ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଖଣ୍ଡି ଗଣିଆର ଦି'ଗୁଣ ସରେ;**
**ଆଟିକା ପୋଛାର ମାଇପ ମରେ ।**

ଅଭାବୀ ଲୋକର ଖର୍ଚ୍ଚ ଅଧିକ। ସେ ଯେତେ ଯାହା ଚେଷ୍ଟା କଲେ ମଧ ନିଜ ଖର୍ଚ୍ଚକୁ ରୋକିବାରେ ସଫଳ ହୋଇପାରି ନ ଥାନ୍ତି। ପରନ୍ତୁ ଧନ ଥାଇ କୃପଣ ପ୍ରକୃତିର ବ୍ୟକ୍ତି ନିଜ ଖାଇବା, ପିଇବା ତଥା ଚଳିବାରେ ଅନେକ କାଟଛାଣ୍ଟ କରିଥାନ୍ତି। ଫଳସ୍ୱରୂପ ଉକ୍ତ ବ୍ୟକ୍ତିର ପତ୍ନୀ ଭୋକ ଉପାସରେ ପଡ଼ିରହିବାକୁ ବାଧ ହେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଖାଇବ ସଅଳ, ଶୋଇବ ବେଗେ**
**ଉଠିବ ସଅଳ, ଚାଲିବ ବେଗେ ।**

ରାତ୍ରୀର ଖାଦ୍ୟ ସଅଳ ଖାଇ ଶୀଘ୍ର ବିଛଣା ଯିବା ଉଚିତ। ଶୀଘ୍ର ଶୋଇଲେ ବଡ଼ି ଭୋରରୁ ନିଦ ଭାଙ୍ଗିଯାଇଥାଏ। ସେହିପରି ଅତି ସକାଳୁ ଉଠି ବାହାରେ ଚଲାବୁଲା କଲେ ଦେହ ମନ ତାଜା ହୋଇଯାଇଥାଏ, ଫୁର୍ତ୍ତି ଆସିଥାଏ। ବ୍ୟକ୍ତି ସୁସ୍ଥ ନୀରୋଗ ରହିବା ପାଇଁ ଏପରି ଦିନଚର୍ଯ୍ୟା କରିବା ଉଚିତ ଅର୍ଥରେ ଏଭଳି ଉପଦେଶ ପ୍ରଦାନ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ




ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଛାତ୍ରୀ ଅନ୍ୱେଷା ମହାପାତ୍ରଙ୍କୁ ସମ୍ମାନିତ କରୁଛନ୍ତି।

## ଇସ୍ରୋ ଭ୍ରମଣରେ ଯିବେ ଅନ୍ୱେଷା

**ଉଦଳା,୧୫ା୧୨(ଡି.ଏନ୍.ଏ.)**

ମହାକାଶ ବିଜ୍ଞାନ ଗବେଷଣାର ବାସ୍ତବ ପ୍ରୟୋଗ ସମ୍ପର୍କରେ ଅନୁଭୂତି ହାସଲ ଲାଗି ଭାରତୀୟ ମହାକାଶ ଗବେଷଣା ପ୍ରତିଷ୍ଠାନ ଇସ୍ରୋ ପରିଭ୍ରମଣରେ ଯିବା ପାଇଁ ମୟୂରଭଞ୍ଜ ଜିଲା ଉଦଳା ଅଞ୍ଚଳର ଛାତ୍ରୀ ଅନ୍ୱେଷା ମହାପାତ୍ର ଯୋଗ୍ୟ ବିବେଚିତ ହୋଇଛନ୍ତି। ସେ ଉଦଳା ସେଣ୍ଟ ଯୋଶେଫ୍ କନଭେଣ୍ଟ ସ୍କୁଲର ନବମ ଶ୍ରେଣୀର ଛାତ୍ରୀ। ରାଜ୍ୟ ସରକାରଙ୍କ ବିଜ୍ଞାନ ଓ କାରିଗରି ବିଭାଗ ସହାୟତାରେ ଟାଟା ଷ୍ଟିଲ୍ ଏବଂ ପଠାଣି ସାମନ୍ତ ପ୍ଲାନେଟୋରିୟମ୍ ଦ୍ୱାରା ଯୁବ ଜ୍ୟୋର୍ତିର୍ବିଦ୍ ପ୍ରତିଭା ଅନ୍ୱେଷଣ-୨୦୧୯/୨୦ ଅନୁଷ୍ଠିତ ହୋଇଥିଲା। ଏଥିରେ ଅନ୍ୱେଷା ରାଜ୍ୟର ଶ୍ରେଷ୍ଠ ୨୦ ଜଣଙ୍କ ମଧ୍ୟରେ ସ୍ଥାନ ପାଇଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ମଧ ସେ ସମ୍ମାନିତ ହୋଇଛନ୍ତି। ତାଙ୍କର ଏହି କୃତୀତ୍ୱ ପାଇଁ ପିତାମାତା, ଶିକ୍ଷକ, ଶିକ୍ଷୟିତ୍ରୀଙ୍କ ସହିତ ବିଭିନ୍ନ ମହଲରୁ ତାଙ୍କୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି।

## ରୋଗୀଙ୍କୁ ଏକ୍ସପାଏରି ସାଲାଇନ୍: ଡାକ୍ତରଖାନାରେ ହୋହଲ୍ଲା

**କପ୍ତିପଦା,୧୫ା୧୨(ଡ଼ିଏନ୍ଏ)**

କପ୍ତିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରବିବାର ଜଣେ ରୋଗୀଙ୍କୁ ଏକ୍ସପାଏରି ସାଲାଇନ୍ ଦିଆଯିବା ନେଇ ଉତ୍ତେଜନା ପ୍ରକାଶ ପାଇଥିଲା। ସ୍ଥାନୀୟ ଲୋକେ ଡ଼ାକ୍ତରଖାନାରେ ହୋହଲ୍ଲା କରିବାରୁ କିଛି ସମୟ ରୋଗୀସେବା ବାଧାପ୍ରାପ୍ତ ହୋଇଥିଲା।

ସୂଚନା ଅନୁଯାୟୀ, ବଡ଼ଖଲାଡ଼ି ପଞ୍ଚାୟତ ଅନ୍ତର୍ଗତ ଦୁଣ୍ଡରିଆ ଗ୍ରାମର ନରେନ୍ଦ୍ର ମହାନ୍ତି ଝାଡ଼ାରେ ଆକ୍ରାନ୍ତ ହେବାରୁ ତାଙ୍କୁ ରବିବାର କପ୍ତିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଡ଼ାକ୍ତରଖାନା ତରଫରୁ ତାଙ୍କୁ ଏକ ସାଲାଇନ୍ ଦିଆଯାଇଥିଲା। ଏହି ସାଲାଇନ ନଭେମ୍ବର ୨୦୧୬ରେ ପ୍ରସ୍ତୁତ କରାଯାଇଥିବାବେଳେ ଏହାର ଏକ୍ସପାରୀ ତାରିଖ ରହିଥିଲା ଅକ୍ଟୋବର ୨୦୧୯। ତେବେ ପରିବାର ଲୋକେ ଏହା ଦେଖିବା ପରେ ଚିକିତ୍ସା ଦାୟିତ୍ୱରେ ଥିବା ଡାକ୍ତରଙ୍କୁ ଜଣାଇଥିଲେ। ପରେ ଏନେଇ ଡାକ୍ତରଖାନାରେ ଉତ୍ତେଜନା ପ୍ରକାଶ ପାଇଥିଲା। କପ୍ତିପଦା ଥାନା ଆଇଆଇସି ରୀନା ବେହେରା ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲେ। ତେବେ ଡାକ୍ତରଖାନରେ ଥିବା ଡ୍ୟୁଟି ରୁମ୍‌ରୁ ଆଉ ୪ଟି ଏଭଳି ଏକ୍ସପାଏରି ସାଲାଇନ୍ ମିଳିଥିବା ଜଣାପଡ଼ିଛି। ଏ ସମ୍ପର୍କରେ ଡାକ୍ତର ଉମାକାନ୍ତ ବାସ୍କେଙ୍କୁ ପଚାରିବାରୁ ଅସାବଧାନତା ଯୋଗୁ ଏଭଳି ତ୍ରୁଟି ହୋଇଛି ଓ ଏହାର ଯାଞ୍ଚ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

## ମହିଳାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**ବଡ଼ସାହି,୧୫ା୧୨(ସ୍ୱ.ପ୍ର):** ବଡ଼ସାହି ଥାନା ଅଧୀନ ଦୀନବନ୍ଧୁପୁର ଗ୍ରାମର ଜଣେ ନବ ବିବାହିତା ମହିଳାଙ୍କ ଝୁଲନ୍ତା ମୃତଦେହକୁ ପୋଲିସ ଉଦ୍ଧାର କରିଛି। ମୃତ ମହିଳା ଜଣକ ହେଲେ ଦିଲ୍ଲୀପ ମହାନ୍ତଙ୍କ ପତ୍ନୀ ଚିତ୍ରରେଖା(୨୩)। ଏ ସଂକ୍ରାନ୍ତରେ ମୃତକଙ୍କ ମା'ଶତପଥୀ ମହାନ୍ତଙ୍କ ଲିଖିତ ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ମାମଲା (ନଂ.୧୬୦/୧୯) ରୁଜୁ କରିଛି। ମାଜିଷ୍ଟ୍ରେଟ ଅତିରିକ୍ତ ତହସିଲଦାର ପୃଥ୍ୱୀରାଜ ପରିଡାଙ୍କ ଉପସ୍ଥିତିରେ ପୋଲିସ ତଦନ୍ତ ପୂର୍ବକ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ବାରିପଦା ପିଆରଏମ୍ ମେଡିକାଲକୁ ପଠାଇଛି।




ପୁସ୍ତକ ମେଳା ପ୍ରସ୍ତୁତି ବୈଠକରେ ଉପସ୍ଥିତ ମେଳା କମିଟିର ସଭ୍ୟାସଭ୍ୟ ବୃନ୍ଦ।

## ୨୦ରୁ ମୟୂରଭଞ୍ଜ ପୁସ୍ତକ ମେଳା

**ବାରିପଦା ଅଫିସ,୧୫ା୧୨**

ଆସନ୍ତା ୨୦ ତାରିଖରୁ ମୟୂରଭଞ୍ଜ ପୁସ୍ତକମେଳା ଅନୁଷ୍ଠିତ ହେବ। ବାରିପଦା ଛଉ ପଡ଼ିଆଠାରେ ଏହା ୨୯ ତାରିଖ ପର୍ଯ୍ୟନ୍ତ ଚାଲିବ। ଉଦଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ କବି ଡା.ଫନି ମହାନ୍ତି ଓ ସମ୍ମାନନୀୟ ଅତିଥି ଭାବେ କେନ୍ଦ୍ର ସରକାରଙ୍କ ମାନବ ସମ୍ବଳ ବିକାଶ ବିଭାଗର ପୂର୍ବତନ ସଚିବ ଡା. ଅରୁଣ କୁମାର ରଥ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ମେଳା କମିଟିର କୋଷାଧକ୍ଷ କୈବଲ୍ୟ ପ୍ରସାଦ ମହାପାତ୍ରଙ୍କ ଅଧକ୍ଷତାରେ ରବିବାର ଏନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ମେଳାରେ ବିଦ୍ୟାଳୟ ତଥା ମହାବିଦ୍ୟାଳୟସ୍ତରରେ ଚିତ୍ରାଙ୍କନ, କୁଇଜ, ପ୍ରବନ୍ଧ, ବକ୍ତୃତା, ନୃତ୍ୟ, ସଙ୍ଗୀତ, ଅଭିନୟ ତଥା ମହିଳାମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏହା ବ୍ୟତୀତ ସାହିତ୍ୟ ସଭା, କବି ସମ୍ମିଳନୀ ଓ ସଂସ୍କୃତିକ କାର୍ଯ୍ୟକ୍ରମ ମଧ ଅନୁଷ୍ଠିତ ହେବ ବୋଲି ମେଳା କମିଟି ସମ୍ପାଦକ ମନୋଜ ଦଳବେହେରା ସୂଚନା ଦେଇଛନ୍ତି। ବୈଠକରେ ଅଧାପକ ସନ୍ଦୀପ ଚାନ୍ଦ, ମଳୟ କୁମାର ଗିରି, ଡ଼. ଅସୀମା ସାହୁ, କାବେରୀ ମିଶ୍ର, ବିଶେଶ୍ୱର ଦ୍ୱିବେଦୀ, ଅଚ୍ୟୁତ ମହାପାତ୍ର, ବୀଣା ପଣ୍ଡା, ସୁସ୍ମିତା ଘୋସାଳ ପ୍ରମୁଖ ଉପସ୍ଥିତ ରହି ଆଲୋଚନା କରିଥିଲେ।

## ବେଆଇନ ବାଲି ଚାଲାଣ ବେଳେ ଡମ୍ପର ଦୁର୍ଘଟଣା ଗ୍ରସ୍ତ

**କୋଷ୍ଠା,୧୫ା୧୨(ଡି.ଏନ୍.ଏ.)**

ଶୁଳିଆପଦା ପଞ୍ଚାୟତ ଛକ ନିକଟରେ ଶନିବାର ବିଳମ୍ବିତ ରାତିରେ ବେଆଇନ ଭାବେ ବାଲି ଚାଲାଣ କରୁଥିବା ଏକ ଡମ୍ପର ଦୁର୍ଘଟଣା ଗ୍ରସ୍ତ ହୋଇଛି। ସକାଳୁ ଲୋକେ ଏହା ଦେଖି ଥାନାକୁ ଖବର ଦେଇଥିଲେ। ପରେ ଭାରୀଯାନ ଚଳାଚଳ ଯୋଗୁ ରାସ୍ତାଘାଟ ଶୋଚନୀୟ ହୋଇ ପଡୁଥିବା ପ୍ରତିବାଦରେ ଲୋକେ ଟାୟାର ଜାଳି ରାସ୍ତାରୋକେ କରିଥିଲେ।

ସ୍ଥାନୀୟ ବିଧାୟକ ରାଜ କିଶୋର ଦାଶ, ୫୩ ନଂ. ଜୋନ ଜିଲା ପରିଷଦ ସଦସ୍ୟ ସୁଧୀର କୁମାର ବେହେରା, ବ୍ଲକ ଅଧକ୍ଷ ଠୁମ୍ପୁ ହେମ୍ବ୍ରମ୍‌ଙ୍କ ସମେତ ସ୍ଥାନୀୟ ସରପଞ୍ଚ ଗାନସା ସୋରେନ, ଶୁଳିଆପଦା ବିଡିଓ ତଥା ଭାରପ୍ରାପ୍ତ ତହସିଲଦାର ପରିକ୍ଷୀତ ଜେନା ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକମାନଙ୍କୁ ବୁଝାସୁଝା କରିଥିଲେ। ପରେ ତହସିଲଦାର ଦୁର୍ଘଟଣା ଗ୍ରସ୍ତ ଗାଡ଼ିକୁ ଜବତ କରିବା ସହିତ ୪ଲକ୍ଷ ୭୫ ହଜାର ୫୬୦ ଟଙ୍କାର ଜରିମାନା ନିର୍ଦ୍ଦେଶ ଦେଇଛନ୍ତି।

## ଅନ୍ତର୍ଜାତୀୟ ଚା' ଦିବସ

**ବାରିପଦା ଅଫିସ,୧୫ା୧୨**

ପ୍ରତି ବର୍ଷ ଡିସେମ୍ବର ୧୫ ତାରିଖକୁ ଅନ୍ତର୍ଜାତୀୟ ଚା' ଦିବସ ଭାବେ ପାଳନ କରାଯାଏ। ଏହି ପରିପ୍ରେକ୍ଷୀରେ ରବିବାର ବାରିପଦା ଶହୀଦ ପଡିଆ ସ୍ଥିତ କୁନୁ ଭାଇ ଟି ଷ୍ଟଲରେ ଏହି ଦିବସ ପାଳିତ ହୋଇ ଯାଇଛି। ରବିବାର ଟି ଷ୍ଟଲକୁ ସ୍ୱତନ୍ତ୍ର ଭାବେ ସଜାଇବା ସହିତ ଦିନ ସାରା ଗ୍ରାହକଙ୍କ ମନୋରଞ୍ଜନ ପାଇଁ ବ୍ୟାଣ୍ଡ ବାଜା ବ୍ୟବସ୍ଥା କରାଯାଇଥିଲା। ଏହା ସହିତ ଚା'ର ଭଲ ଗୁଣ ସହିତ ଦିବସ ପାଳନର ଆଭିମୁଖ୍ୟ ସମ୍ପର୍କରେ ଏକ ଆଲୋଚନାଚକ୍ର ଆୟୋଜନ କରାଯାଇଥିଲା। ଏଥିରେ ଜିତେନ୍ଦ୍ର ଦାସ (କୁନୁ ଭାଇ) ଅଧକ୍ଷତା କରିଥିବା ବେଳେ ଇଂ. ଦେବାଶିଷ ବିଶ୍ୱାଳ, ସମ୍ପଦ ସିଙ୍ଘ, ଜିତେନ୍ଦ୍ର ବେହେରା, ପ୍ରଶାନ୍ତ କୁମାର ନାୟକ, ଅବିନାଶ କୁମାର ଦାସ, ରାଜାରାମ ପଣ୍ଡିତ, ସେଖ ରକି ପ୍ରମୁଖ ଉପସ୍ଥିତ ଥିଲେ। ପରେ ବିଭିନ୍ନ ସଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବର୍ତ୍ତମାନ ବିଭିନ୍ନ ଚା' ଦୋକାନରେ ଗ୍ୟାସ କିମ୍ବା ଷ୍ଟୋଭରେ ଚା' ତିଆରି କରାଯାଉଥିବା ବେଳେ କୁନୁ ଭାଇ ଟି ଷ୍ଟଲରେ ଆରମ୍ଭରୁ କାଠ ଜାଳି ଚା' ତିଆରି କରାଯାଏ। ଏଥିପାଇଁ ଏହି ଦୋକାନର ସ୍ୱାତନ୍ତ୍ର୍ୟ ରହିଛି। ପ୍ରତିଦିନ ପ୍ରାୟ ଏକ ହଜାରରୁ ଉର୍ଦ୍ଧ୍ୱ ଲୋକ ଏହି ଦୋକାନରେ ଚା' ପିଇଥାନ୍ତି। ଉଲ୍ଲେଖଯୋଗ୍ୟ ଯେ,୨୦୦୫ରୁ ଏହି ଦିବସ ପାଳନ କରାଯାଉଛି। ମୁଖ୍ୟତଃ ଭାରତ, ବାଂଲାଦେଶ, ଶ୍ରୀଲଙ୍କା, ନେପାଳ, ଭିଏତନାମ, ଇଣ୍ଡୋନେସିଆ, କେନିଆ, ମାଲେସିଆ, ଉଗଣ୍ଡା ଓ ତାଞ୍ଜାନିଆ ଆଦି ଦେଶରେ ଏହି ଦିବସ ପାଳନ କରାଯାଏ।

## ବ୍ଲକ୍‌ସ୍ତରୀୟ ଶିଶୁ ମେଳା

**କପ୍ତିପଦା,୧୫ା୧୨(ଡି.ଏନ୍.ଏ.):** କପ୍ତିପଦା ବ୍ଲକ୍ ଓଷ୍ଟା ସଂଗଠନ ପକ୍ଷରୁ ବ୍ଲକ୍‌ସ୍ତରୀୟ ଶିଶୁମେଳା ମାଙ୍କଡ଼ପଡ଼ା ପଞ୍ଚାୟତ ଅନ୍ତର୍ଗତ ଫକୀରମୋହନ ଉଚ୍ଚ ବିଦ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲା ପରିଷଦ ସଭ୍ୟା ଟିକିମଣି ନାୟକ ଏହାକୁ ଉଦ୍‌ଘାଟନ କରିଥିଲେ। ବ୍ଲକ ଅନ୍ତର୍ଗତ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ତର୍କ, କଣ୍ଠ ସଙ୍ଗୀତ, କବିତା, ରଚନା, କୁଇଜ୍, ଏକକ ଅଭିନୟ, ଚିତ୍ରାଙ୍କନ, ଗଳ୍ପଲିଖନ, ସାଧାରଣ ଜ୍ଞାନ ଓ ଏକକ ନୃତ୍ୟ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

ଏହି ଅବସରରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ଓଷ୍ଟାର ବ୍ଲକ୍ ସଭାପତି ଲକ୍ଷ୍ମୀଧର କବାଟ ଅଧକ୍ଷତା କରିଥିଲେ। ମୁଖ୍ୟଅତିଥିଭାବେ ଉଦଳା ବିଧାୟକ ଭାସ୍କର ମଢ଼େଇ, ଓଷ୍ଟାର ଜିଲା ସମ୍ପାଦକ ଭରତ ଚନ୍ଦ୍ର ବରାଳ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବଳରାମ ଦାସ, ଭାଜପା ମଣ୍ଡଳ ସଭାପତି ସଞ୍ଜୟ ବେହେରା, ବିଦ୍ୟାଳୟର ପ୍ରତିଷ୍ଠାତା ସଦସ୍ୟ ଭୀମଚରଣ ନାୟକ ପ୍ରମୁଖ ଯୋଗଦେଇ ଶିଶୁ ମେଳାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଫକୀର ମୋହନ ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ।



କ୍ୟାରମ ଟୁର୍ନାମେଣ୍ଟରେ ଚାମ୍ପିୟନ ଦଳ ସହ କର୍ମକର୍ତ୍ତା।

## କ୍ୟାରମ ଟୁର୍ନାମେଣ୍ଟ: ବାରିପଦା ଚାମ୍ପିୟନ

**ବଡ଼ସାହି,୧୫ା୧୨(ସ୍ୱ.ପ୍ର)**

ବଡ଼ସାହି ବ୍ଲକ ଅଧୀନ ବେଲପାଳ ଯୁବକ ସଂଘ ଆନୁକୂଲ୍ୟରେ ଦିବାରାତ୍ର କ୍ୟାରମ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୪୪ଟି ଦଳ ଅଂଶ ଗ୍ରହଣ କରିଥିଲେ। ବାରିପଦାରୁ ଆସିଥିବା ସ୍ୱାଧୀନ ଓ ତପିଙ୍କ ଯୋଡ଼ି ଚଳିତ ବର୍ଷ ଚାମ୍ପିୟନ ହୋଇଥିଲେ। ରାହୁଲ ଓ ସଫିଙ୍କ ଯୋଡ଼ି ରନର୍ସ ଅପ୍ ହୋଇଥିବା ବେଳେ କାହ୍ନା ଓ ବିନୟଙ୍କ ଯୋଡ଼ି ତୃତୀୟ ସ୍ଥାନ ଅଧିକାର କରିଥିଲେ। ସଂଘର ସଦସ୍ୟ ସୌରଭ ନାୟକ, ପ୍ରେମଜିତ ଦଣ୍ଡପାଟ, ତନ୍ମୟ ଦଣ୍ଡପାଟ, ନବଶଙ୍କର ଜେନା, ସମୀର କୁମାର ଦଣ୍ଡପାଟ, ଦୀପକ ନାୟକ ପ୍ରମୁଖ ଉପସ୍ଥିତ ରହି ଚାମ୍ପିୟନ ଦଳକୁ ୭ହଜାର, ରନର୍ସ ଅପ୍ ଦଳକୁ ୫ହଜାର, ତୃତୀୟ ସ୍ଥାନ ଅଧିକାର କରିଥିବା ଯୋଡିକୁ ୨ହଜାର ଓ ୪ର୍ଥ, ୫ମ ଏବଂ ୬ଷ୍ଠ ସ୍ଥାନ ଅଧିକାର କରିଥିବା ଯୋଡିକୁ ୫ଶହ ଟଙ୍କା ପୁରସ୍କାର ପ୍ରଦାନ କରିଥିଲେ। ଟୁର୍ନାମେଣ୍ଟ ପରିଚାଳନାରେ କ୍ଲବର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

# ଦେବକୁଣ୍ଡରେ ପର୍ଯ୍ୟଟକଙ୍କ ଭିଡ଼

**ଉଦଳା,୧୫ା୧୨(ଡି.ଏନ୍.ଏ.)**

ମୟୂରଭଞ୍ଜ ଜିଲା ପୂର୍ବ ଶିମିଳିପାଳ ଅଭୟାରଣ୍ୟ ମଧ୍ୟରେ ଥିବା ଅମ୍ବିକାଙ୍କ ପୀଠ ଦେବକୁଣ୍ଡ ଚଳଚଞ୍ଚଳ ହୋଇ ପଡ଼ିଛି। ପାହାଡ, ପର୍ବତ ଘେରା ଘଞ୍ଚ ଜଙ୍ଗଲ ମଧ୍ୟରେ ଏହା ଅବସ୍ଥିତ। ଏବେ ଏଠାରେ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ପିକନିକ୍ ପାର୍ଟିଙ୍କ ଭିଡ଼ ଲାଗି ରହୁଛି। ପର୍ଯ୍ୟଟକଙ୍କ ସଂଖ୍ୟା ମଧ ଦିନକୁ ଦିନ ବୃଦ୍ଧି ପାଉଛି। ପଡ଼ୋଶୀ ଝାଡଖଣ୍ଡ ଏବଂ ପଶ୍ଚିମବଙ୍ଗ ରାଜ୍ୟରୁ ପର୍ଯ୍ୟଟକମାନେ ଆସି ପ୍ରାକୃତିକ ସୌନ୍ଦର୍ଯ୍ୟର ମଜା ଉଠାଉଛନ୍ତି।

ଅଭୟାରଣ୍ୟ ମଧ୍ୟରେ ଭୋଜି କରିବା ନିମନ୍ତେ ଅନୁମତି ନ ଥିବାରୁ ଉଦଳା ବ୍ଲକ ଅଧୀନ କୁଣ୍ଡାବାଇ ପଞ୍ଚାୟତର ବୁଢାମରା ଗେଟ୍ ନିକଟରେ ଭୋଜି କରିବା ଲାଗି ବ୍ୟବସ୍ଥା ରହିଛି। ତେବେ ମୁଖ୍ୟ ଗେଟ୍‌ଠାରୁ ଅମ୍ବିକାଙ୍କ ପୀଠକୁ ପ୍ରାୟ ୬ କିଲୋମିଟର ରାସ୍ତା ଯିବାକୁ ପଡ଼ିଥାଏ। ପୂର୍ବ ବର୍ଷମାନଙ୍କରେ ଏହି ଗେଟରେ ଜଙ୍ଗଲ ବିଭାଗ ବସ୍ ଏବଂ ଚାରିଚକିଆ ଯାନଗୁଡିକଠାରୁ ଟିକସ ଆଦାୟ କରୁଥିବା ବେଳେ ଚଳିତ ବର୍ଷ ଟିକସ ଆଦାୟ ବନ୍ଦ ରହିଛି। ଗେଟ୍ ପାର ହୋଇ ଭିତରକୁ ବସ୍ ଯିବା ବନ୍ଦ ଥିବା ବେଳେ କେବଳ ଚାରି ଚକିଆ ଯାନରେ ପର୍ଯ୍ୟଟକମାନେ ଯାଇ ପାହାଡ ଶୀର୍ଷରେ ଥିବା ଦେବୀଙ୍କୁ ଦର୍ଶନ କରି ଜଳ ପ୍ରପାତର ମଜା ଉଠାଉଛନ୍ତି। ହେଲେ ୬ କିଲୋମିଟର ମାଟି ଜଙ୍ଗଲ ରାସ୍ତା ଥିବାରୁ ବହୁ ସମୟରେ ଗାଡ଼ି ଚାଳକମାନେ ଅସୁବିଧାରେ ପଡୁଥିବା ଅଭିଯୋଗ ହେଉଛି। ସେହିପରି ପିକନିକ୍ ସ୍ପଟରେ ପାନୀୟ ଜଳ ବ୍ୟବସ୍ଥା ଥିଲେ ମଧ ପିକନିକ୍ ପାର୍ଟିଙ୍କ ସଂଖ୍ୟା ଅଧିକ ହେଉଥିବାରୁ ପାନୀୟଜଳର ସଙ୍କଟ ପରିଲକ୍ଷିତ ହେଉଛି। ଯାହାକୁ ନେଇ ପର୍ଯ୍ୟଟକମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖିବାକୁ ମିଳୁଛି।




ଦେବକୁଣ୍ଡ ପର୍ଯ୍ୟଟନସ୍ଥଳ।

ପ୍ରଶାସନ ପକ୍ଷରୁ ଦେବକୁଣ୍ଡ ପର୍ଯ୍ୟଟନସ୍ଥଳୀର ବିକାଶ ନିମନ୍ତେ ଆଖିଦୃଶିଆ ପଦକ୍ଷେପ ଗ୍ରହଣ କରା ନ ଯିବା ପରିତାପର ବିଷୟ। ପିକନିକ୍ ସ୍ପଟରେ ଶହ ଶହ ମହିଳା ଯୁବତୀଙ୍କର ଭିଡ ଜମୁ ଥିବା ବେଳେ ଚୋରା ମଦ ବ୍ୟବସାୟ ଖୁଲମଖୋଲା ଚାଲୁଥିବା ଅଭିଯୋଗ ହେଉଛି। ପିକନିକ ଋତୁରେ ପର୍ଯ୍ୟଟନ ବିଭାଗ, ପୋଲିସ୍ ଏବଂ ଅବକାରୀ ବିଭାଗ ପକ୍ଷରୁ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ଏବଂ ସୁରକ୍ଷା ଦେବା ନିମନ୍ତେ ସେଭଳି କିଛି ଠୋସ୍ ପଦକ୍ଷେପ ଗ୍ରହଣ କରାଯାଉ ନ ଥିବା ଅଭିଯୋଗ ହେଉଛି। ତେବେ ଶୃଙ୍ଖଳା ରକ୍ଷା କରିବା ପାଇଁ ଅଧିକ ପୋଲିସ୍ ଫୋର୍ସ ନିୟୋଜନ ଏବଂ ପାନୀୟ ଜଳର ସମସ୍ୟାକୁ ଦୂର କରାଯାଇ ପାରିଲେ ଦେବକୁଣ୍ଡରେ ଅଧିକରୁ ଅଧିକ ପର୍ଯ୍ୟଟକ ଏବଂ ପିକନିକ୍ ପାର୍ଟିଙ୍କ ଭିଡ ଜମନ୍ତା ବୋଲି ସ୍ଥାନୀୟ ଅଞ୍ଚଳର ବାସିନ୍ଦା ଦୀପକ କୁମାର ବାରିକ ଏବଂ ସୁରେଶ ବାରିକ ମତ ଦେଇଛନ୍ତି।

## ସଂକ୍ଷେପରେ

### ୯ ବଖରା ଜଳିଗଲା

**ଭଣ୍ଡାରିପୋଖରୀ/ତିହିଡ଼ି, ୧୫।୧୨(ଡି.ଏନ.ଏ.):** ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ରାମଚନ୍ଦ୍ରପୁର ପଞ୍ଚାୟତ ନେଉଳିଆ ଓ ତିହିଡ଼ି ଥାନା ବାରସର ପଞ୍ଚାୟତ ଅଧୀନ ଚକରାସାହି ଗ୍ରାମରେ ଅଗ୍ନିକାଣ୍ଡ ଘଟି ୭ ବଖରା ଘର ଜଳି ଯାଇଛି। ସୂଚନା ଅନୁଯାୟୀ, ନେଉଳିଆ ଗାଁରେ ରବିବାର ସନ୍ଧ୍ୟାରେ ଅଗ୍ନିକାଣ୍ଡରେ ସୁଶାନ୍ତ ବଳଙ୍କ ୨ ବଖରା ବାସଗୃହ ସହ ଦୁଇଟି ଛଣଗଦା ପୋଡ଼ିଯାଇଛି। ଭଣ୍ଡାରିପୋଖରୀ ଦମକଳ କର୍ମଚାରୀ ଆସି ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନିକାଣ୍ଡର କାରଣ ଜଣାପଡ଼ି ନାହିଁ। ସେହିପରି ଚକରାସାହି ଗ୍ରାମର ରତ୍ନାକର ମଳିକ ଓ କୈଳାସ ମଳିକଙ୍କ ୫ ବଖରା ଘର ଜଳିଯାଇଛି। ବିଦ୍ୟୁତ୍ ଶର୍ଟସର୍କିଟ୍ ଯୋଗୁ ଅଗ୍ନିକାଣ୍ଡ ଘଟିଥିବା କୁହାଯାଉଛି। ତିହିଡ଼ିରୁ ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ନିଆଁ ଲିଭାଇଥିଲେ।

### ଜେଜେମା'-ବାପା ସମ୍ମିଳନୀ

**ଭଣ୍ଡାରିପୋଖରୀ,୧୫।୧୨ (ଡି.ଏନ.ଏ.):** ଭଣ୍ଡାରିପୋଖରୀ ବ୍ଲକ ବାରିକପୁରସ୍ଥିତ ସରସ୍ୱତୀ ଶିଶୁମନ୍ଦିରରେ ଜେଜେମା ଜେଜେବାପା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। କାହ୍ନୁଚରଣ ସାମଲ ଏଥିରେ ଅଧକ୍ଷତା କରିଥିଲେ। ଅନୁଷ୍ଠାନର ପ୍ରତିଷ୍ଠାତା ଉମାକାନ୍ତ ସାହୁ ଓ ତ୍ରିଲୋଚନ କୁଣ୍ଡ ଯୋଗ ଦେଇଥିଲେ। ଅତିଥି ଭାବେ ଦୁର୍ଯ୍ୟୋଧନ ଲେଙ୍କା ଯୋଗଦେଇ ସାମ୍ପ୍ରତିକ ପରିସ୍ଥିତିରେ ଜେଜେମା ଜେଜେବାପାଙ୍କ କର୍ତ୍ତବ୍ୟ ଓ ଗୁରୁତ୍ୱ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଗୀତାପାଠ କରାଯାଇ ଭାବାର୍ଥ ଆଲୋଚନା କରାଯାଇଥିଲା। ଚଳିତବର୍ଷର ଶ୍ରେଷ୍ଠ ଜେଜେମା ଜେଜେବାପାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷୟିତ୍ରୀ ସୁମତୀ ସାହୁ, ରେଣୁକା କୁଣ୍ଡୁ, ସୁମିତ୍ରା କୁଣ୍ଡୁ, ରଞ୍ଜିତା ସାମଲ, ମୋନାଲିସା ପ୍ରଧାନ, କବିତା ନାୟକ, ସୀତାଞ୍ଜଳି ଦାସ, ଲକ୍ଷ୍ମୀପ୍ରିୟା ମାଟିଆ ଓ ପ୍ରକାଶ ସାହୁ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ପ୍ରଧାନ ଆଚାର୍ଯ୍ୟା ମମତା ପାତ୍ର ଧନ୍ୟବାଦ ଦେଇଥିଲେ।

### ସଂଗ୍ରାମୀ ମାୟାଧରଙ୍କ ଶ୍ରାଦ୍ଧୋତ୍ସବ

**ଭଦ୍ରକ ଅଫିସ,୧୫।୧୨:** ଭଦ୍ରକ ଦ୍ରୌପଦୀ କଲ୍ୟାଣ ମଣ୍ଡପଠାରେ ରବିବାର କନିକା ପ୍ରଜା ଆନ୍ଦୋଳନର ମୁଖ୍ୟ ସଂଗ୍ରାମୀ ଚକ୍ରଧର ବେହେରାଙ୍କ ଅଙ୍ଗରକ୍ଷୀ ଏକାନ୍ତ ଆନୁଗତ୍ୟ ତଥା ସହଯୋଗୀ ଥିବା ସଂଗ୍ରାମୀ ସ୍ୱର୍ଗତ ମାୟାଧର ଦାସଙ୍କ ୨୬ତମ ଶ୍ରାଦ୍ଧୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଇଂ. ଅଭୟ ସୂତାରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଧାମନଗର ବିଧାୟକ ବିଷ୍ଣୁ ସେଠୀ ଯୋଗ ଦେଇଥିଲେ। କନିକା ପ୍ରଜା ଆନ୍ଦୋଳନରେ ରାଜାଙ୍କ ଅମାନୁଷିକ ଅତ୍ୟାଚାର ବିରୋଧରେ ଲଢ଼େଇ କରି ସଂଗ୍ରାମୀ ମାୟାଧର ଜନପ୍ରିୟ ହୋଇପାରିଥିଲେ ବୋଲି ସେ କହିଥିଲେ। ମୁଖ୍ୟବକ୍ତା ବ୍ଲକ ଶିକ୍ଷାଧିକାରୀ ଶମ୍ଭୁନାଥ ପାଣିଗ୍ରାହୀ ଓ ଅନ୍ୟତମ ଅତିଥି ଭାବେ ଆଇନଜୀବୀ ଗଦାଧର ବଳ, ଗିରିଧାରୀ ନାଥ, ଗାନ୍ଧୀ ବିଚାର ମଞ୍ଚର ସମ୍ପାଦକ ଶାନ୍ତନୁ ରାଉତ, ପ୍ରଧାନ ଶିକ୍ଷକ ଶୀତଳ ବେହେରା, ସୁରେନ୍ଦ୍ର ଗାହାଣ ପ୍ରମୁଖ ଯୋଗଦେଇ କନିକା ଅଞ୍ଚଳ ମାୟାଧରଙ୍କୁ ଏବେ ବି ଝୁରୁଛି ବୋଲି ମତବ୍ୟକ୍ତ କରିଥିଲେ। ଖବରଦାତା ତଥା ସ୍ମୃତି କମିଟି ସଭାପତି ବଂଶୀଧର ଦାସ ଅତିଥି ପରିଚୟ ଦେଇଥିଲେ। କ୍ରୀଡ଼ା ଶିକ୍ଷକ ପ୍ରଫୁଲ୍ଲ କୁମାର ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ। ରଶ୍ମିତା ନାୟକ ଉପସ୍ଥାପିକା ଭାବେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଚିତ୍ରରେ ସଚେତନତା ବାର୍ତ୍ତା

**ଦୀପ୍ତିରଞ୍ଜନ ନାୟକ**
**ଆରଡ଼ି, ୧୫।୧୨ (ଡି.ଏନ.ଏ.)**

**ନିଆରା ଚିତ୍ରଶିଳ୍ପୀ ପ୍ରଜ୍ଞା ପ୍ରାରମ୍ଭିକା**


ଚିତ୍ର ଆଙ୍କିବାରେ ନିମଗ୍ନ ପ୍ରଜ୍ଞା।

ହାତରେ ରଙ୍ଗତୂଳୀ ଧରି କାନ୍‌ଭାସରେ ସେ ଆଙ୍କି ଚାଲିଛନ୍ତି ଜୀବନର ଛବି। ପରିବେଶର ସୁରକ୍ଷା କରି ଧରଣୀ ମା'ଙ୍କୁ ସବୁଜିମା ମଣ୍ଡିତ କରିବାକୁ ସେ ବର୍ତ୍ତା ଦେବା ସହ ନିଃସ୍ୱ ମଣିଷଙ୍କ ଅକୁହା କଥାକୁ ଚିତ୍ରରେ ରୂପ ଦେଉଛନ୍ତି। ଚିତ୍ରକଳା ମାଧ୍ୟମରେ ନାରୀଙ୍କୁ ସୁରକ୍ଷା ଦେବା ଲାଗି ସଚେତନତା ସୃଷ୍ଟି ଓ ଦାରିଦ୍ର୍ୟ ଦୂରୀକରଣ କରିବା ତାଙ୍କର ଅନ୍ୟତମ ଅଭିପ୍ସା। ଏକ ଅଖ୍ୟାତ ପଲ୍ଲୀରେ ଜନ୍ମ ନେଇ ନିଜର ପ୍ରତିଭାକୁ ଜିଲାରୁ ରାଜ୍ୟ, ରାଜ୍ୟରୁ ଅନ୍ୟ ରାଜ୍ୟରେ ପହଞ୍ଚାଇ ଦକ୍ଷତା ପ୍ରତିପାଦନ କରିଥିବା ଏହି ଯୁବ ଚିତ୍ରଶିଳ୍ପୀ ହେଲେ ପ୍ରଜ୍ଞା ପ୍ରାରମ୍ଭିକା ନାୟକ(୩୬)। ତାଙ୍କ ଘର ଭଦ୍ରକ ଜିଲାର ଆଖଣ୍ଡଳମଣି ପୀଠ ଆରଡ଼ି ନିକଟ ବୋଡ଼କ ଗ୍ରାମରେ। ଭଦ୍ରକ ଆର୍ଟ ଆଣ୍ଡ କ୍ରାଫ୍ଟ କଲେଜରେ ସ୍ନାତକ ଓ ଭୁବନେଶ୍ୱର କଳ୍ପିଙ୍ଗ ୟୁନିଭରସିଟିରେ ସ୍ନାତକୋତ୍ତର ଡିଗ୍ରୀ ହାସଲ ପରେ ଏବେ ସ୍ୱଳ୍ପ ବେତନରେ ନିଜ ଗାଁ ସ୍କୁଲରେ କଳା ଶିକ୍ଷୟିତ୍ରୀ ଭାବେ କାର୍ଯ୍ୟ କରୁଛନ୍ତି। ଏଥିସହ ଚିତ୍ର ମାଧ୍ୟମରେ ସେ ବାଣ୍ଟୁଛନ୍ତି ସଚେତନତା ବାର୍ତ୍ତା।

ଚିତ୍ରକଳା ପ୍ରତି କାହିଁକି ଆକୃଷ୍ଟ ହେଲେ ଓ ଏଥିପାଇଁ ଆପଣଙ୍କୁ କିଏ ପ୍ରେରଣା ଦେଇଥିଲେ ବୋଲି ପଚାରିବାରୁ ସେ କହିଥିଲେ, ପିଲାବେଳୁ ପ୍ରକୃତିର ସୌନ୍ଦର୍ଯ୍ୟ ତାଙ୍କୁ ବିମୋହିତ କରିଆସିଛି। ସେ ଗାଁ ସ୍କୁଲରେ ପଢୁଥିବା ବେଳେ ପ୍ରତି ଶନିବାର ଡ୍ରଇଁ ଅଙ୍କନ କରି ଶିକ୍ଷକଙ୍କୁ ଦେଖାଉଥିଲେ। ସେତେବେଳେ ସନ୍ଧ୍ୟାକାଳୀନ ପଲ୍ଲୀର ଦୃଶ୍ୟ ଚିତ୍ର ଅଙ୍କନ କରି ସେ ପ୍ରଥମେ ଶିକ୍ଷକମାନଙ୍କ ଶ୍ରଦ୍ଧାଭାଜନ ହୋଇଥିଲେ। ୫ମ ଶ୍ରେଣୀରୁ ହିଁ ଜଣେ ଚିତ୍ରଶିଳ୍ପୀ ହେବାକୁ ସେ ଲକ୍ଷ୍ୟ ରଖିଥିଲେ। କଳା କ୍ଷେତ୍ରରେ ଆଗକୁ ଯିବା ପାଇଁ ତାଙ୍କ ବାପା ପ୍ରଭାତ ନାୟକ ଯୋଗାଇ ଦେଇଥିଲେ ପ୍ରେରଣା। ଚିତ୍ରକଳାରେ ଆପଣ କାହାକୁ ପ୍ରାଧାନ୍ୟ ଦିଅନ୍ତି ପ୍ରଶ୍ନରେ ଉତ୍ତର ଦେଇ ସେ କହିଥିଲେ, କଲେଜରେ ପାଠ ପଢୁଥିବା ବେଳେ ମାନବ ଅତ୍ୟାଚାରରେ ପ୍ରକୃତି ଭାରସାମ୍ୟ ହରାଇବା ଜାଣି ଏହାକୁ ସୁରକ୍ଷା ଦେବା ପାଇଁ ବିଭିନ୍ନ ଚିତ୍ର ଅଙ୍କନ କରିଥିଲେ। ପରେ ସମାଜର ଗରିବ ଓ ନିଃସହାୟ ଲୋକଙ୍କ ଜୀବନର ପ୍ରତିଛବି ଦେଖି ତାଙ୍କୁ ସମାଜରେ ପ୍ରତିଷ୍ଠିତ କରିବା ଲାଗି ଚିତ୍ର ଆଙ୍କିବା ପ୍ରକ୍ରିୟା ଜାରି ରଖିଥିଲେ। ୨୦୧୦ରେ ଭୁବନେଶ୍ୱରଠାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ଚିତ୍ରକଳା ପ୍ରଦର୍ଶନୀରେ ସେ ଆଙ୍କିଥିବା ଚିତ୍ର ଆଦୃତ ହେବା ସହ ଅନେକ ବିତ୍ତଶାଳୀ ବ୍ୟକ୍ତି ଏହାକୁ କିଣି ନେଇଥିଲେ। ସେଥିରୁ ତାଙ୍କ ଚିତ୍ର ସମାଜରେ ପରିବର୍ତ୍ତନ ଆଣିବାରେ ସମର୍ଥ ହେବ ବୋଲି ସେ ଅନୁଭବ କରିଥିଲେ। ପ୍ରକୃତରେ ଆଗ୍ରହ, ନିଷ୍ଠା ଓ ଅଧ୍ୟବସାୟ ସାଙ୍ଗକୁ ଦୃଢ଼ ଆତ୍ମବିଶ୍ୱାସ ରହିଲେ ଯେ କେହି ଜଣେ ସଫଳ ଚିତ୍ରଶିଳ୍ପୀ ହୋଇପାରିବେ। ଏହି ଲକ୍ଷ୍ୟ ନେଇ ସେ ଆଗକୁ ବଢ଼ି ଚାଲିଛନ୍ତି। ଏବେ ସମାଜରେ ନାରୀମାନଙ୍କ ପ୍ରତି ଅତ୍ୟାଚାର ବଢ଼ି ଚାଲିଛି। ଏଥିରେ ଯବନିକା ଟାଣିବା ପାଇଁ ସେ ନିଜ କଳାକୃତିକୁ ଆନ୍ତର୍ଜାତିକ ସ୍ତରରେ ପହଞ୍ଚାଇବାକୁ ଲକ୍ଷ୍ୟ ରଖିଛନ୍ତି। ଚିତ୍ରକଳା ମାଧ୍ୟମରେ ପ୍ରଦୂଷଣମୁକ୍ତ ପୃଥିବୀ ଗଠନ କରିବାର ସ୍ୱପ୍ନକୁ ସେ ଦିନେ ନା ଦିନେ ଚରିତାର୍ଥ କରିପାରିବେ ବୋଲି କହିଥିଲେ।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
balasoreselfie@gmail.com


ବଳରାମ


ବେନ୍‌ଗୋଲାମ


ଦେବପ୍ରକାଶ


ମହେଶ୍ୱର


ଶେଖ୍ ମକ୍ରମ


ସତ୍ୟ

ଏଠାରେ ନାହିଁ? ଦେଖନ୍ତୁ ଆପଣଙ୍କ ସେଲ୍‌ଫି ଫଟୋ
www.dharitri.com/category/selfie/

# ନାଗରିକତ୍ୱ ସଂଶୋଧନ ଆଇନକୁ ବିରୋଧ

**ଧାମନଗର,୧୫।୧୨(ଡି.ଏନ.ଏ.)**



ଦୋବଲ ବଜାରରେ ପ୍ରତିବାଦ ଶୋଭାଯାତ୍ରା।

ଧାମନଗର ବ୍ଲକ ମୁସ୍ତାଫାପୁର ଏବଂ ଦୋବଲ ମୁସଲିମ କମ୍ୟୁନିଟି ଅର୍ଗାନାଇଜେଶନ ପକ୍ଷରୁ ନାଗରିକତ୍ୱ ସଂଶୋଧନ ଆଇନକୁ ବିରୋଧ କରାଯାଇଛି। ଶତାଧିକ ମୁସ୍‌ଲିମ ଏକତ୍ର ହୋଇ ଦୋବଲ ବଜାରରେ ପ୍ରତିବାଦ ଶୋଭାଯାତ୍ରା କରିଥିଲେ। ଧର୍ମଭିତ୍ତିକ ଆଇନ ପ୍ରଣୟନକୁ ନିନ୍ଦା, ଭାରତରେ ଥିବା ସମସ୍ତ ଶରଣାର୍ଥୀଙ୍କୁ ନାଗରିକ ଭାବେ ଗ୍ରହଣ କରାଯିବା ଆଦିକୁ ବିରୋଧ କରି ଶୋଭାଯାତ୍ରା ଦୋବଲ ବଜାର ପରିକ୍ରମା କରିଥିଲା। ସେକ୍ ତାଜୁଦ୍ଦିନ, ସେକ୍ ଆବାସ, ସେକ ଲାଲୋ, ସେକ ଗୋଲାମ, ସେକ ନିଆଜ ଆହେମଦ ପ୍ରମୁଖ ନେତୃତ୍ୱ ନେଇଥିଲେ।

# 'ସାଙ୍ଗଠନିକ ଆଲୋଚନା ଦ୍ୱାରା ସମସ୍ୟାର ସମାଧାନ ସମ୍ଭବ'

**ଆରଡ଼ି, ୧୫।୧୨ (ଡି.ଏନ.ଏ.)**

ଚାନ୍ଦବାଲି ବ୍ଲକ ପହଣାଠାରେ ନିଖିଳ ଉତ୍କଳ ଅବସରପ୍ରାପ୍ତ ଶିକ୍ଷକ ଓ ଶିକ୍ଷା କର୍ମଚରୀ ସଂଘ ପକ୍ଷରୁ ସମ୍ମିଳନୀ ରବିବାର ଅନୁଷ୍ଠିତ ହୋଇଯାଇଛି। ଦାମୋଦର ପଣ୍ଡା ଏଥିରେ ଅଧକ୍ଷତା କରିଥିଲେ। ବୟୋଜ୍ୟେଷ୍ଠ ଶିକ୍ଷକ ମୁରଲୀଧର ବଳ ଏହାକୁ ଉଦ୍‌ଘାଟନ କରିଥିଲେ। ସ୍ୱରଚିତ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ ଶାନ୍ତିଲତା ମହାନ୍ତି। ସଂଘର ଆରଡ଼ି ଜୋନ୍ ସମ୍ପାଦକ ଗଦାଧର ନାୟକ, ହୃଦାନନ୍ଦ ନାୟକ, ପ୍ରାଣବନ୍ଧୁ ଓଝା, କହ୍ନେଇ ଚରଣ ବିଳାସ, ଶ୍ରୀନାଥ ନାୟକ, ହରିଶ୍ଚନ୍ଦ୍ର ନାୟକ ପ୍ରମୁଖ ସାଙ୍ଗଠନିକ ଆଲୋଚନା ଦ୍ୱାରା ବିଭିନ୍ନ ସମସ୍ୟାର ସମାଧାନ ସମ୍ଭବ ବୋଲି କହିଥିଲେ। ବ୍ଲକ ସମ୍ପାଦକ ପ୍ରମୋଦ ତ୍ରିପାଠୀ, ସହସମ୍ପାଦକ କମଳାକାନ୍ତ ପତି ଅବସରପ୍ରାପ୍ତ ଶିକ୍ଷକ ଓ ଶିକ୍ଷା କର୍ମଚାରୀଙ୍କ ସମସ୍ୟା ସମାଧାନ ଲାଗି ସେମାନେ ଉଦ୍ୟମ ଅବ୍ୟାହତ ରଖିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସଂଘର ମୁଖପତ୍ର ଆସନ୍ତା ଜୁନରେ ପ୍ରକାଶିତ ହେବ ଓ ଏଥିନିମନ୍ତେ ଲେଖା ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଦେବାକୁ ସମ୍ମିଳନୀରେ ସ୍ଥିର କରାଯାଇଥିଲା।

# ଓୟୁଜେର ଜିଲା କାର୍ଯ୍ୟକାରିଣୀ

**ଭଣ୍ଡାରିପୋଖରୀ, ୧୫।୧୨(ଡି.ଏନ୍.ଏ.)**


ବୈଠକରେ ଯୋଗ ଦେଇଥିବା ଅତିଥି।

ଓଡ଼ିଶା ଖବରଦାତା ସଂଘର ଭଦ୍ରକ ଜିଲା ଶାଖା ପକ୍ଷରୁ ରବିବାର ଜିଲା କାର୍ଯ୍ୟକାରିଣୀ ବୈଠକ ଭଣ୍ଡାରିପୋଖରୀ ବ୍ଲକ ବାରିକପୁରଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲା ଖବରଦାତା ୟୁନିଅନର ସଭାପତି ଡ. ହରିହର ନାୟକ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଧାମନଗର ଥାନା ଅଧିକାରୀ ମାନସ କୁମାର ଦେ, ମୁଖ୍ୟବକ୍ତା ଜାତୀୟ ଖବରଦାତା ୟୁନିଅନ ସଦସ୍ୟ ନାରାୟଣ ଚନ୍ଦ୍ର ବାରିକ ଏବଂ ଓୟୁଜେ ଉପସଭାପତି କିଷାନ ରାଉତ ଯୋଗ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବନମାଳୀ ବାରିକ, ଓୟୁଜେ ଭଦ୍ରକ ଜିଲା ଉପସଭାପତି ହେମନ୍ତ ସିଂ, ନିତ୍ୟାନନ୍ଦ ଜେନା, କୃଷ୍ଣଚନ୍ଦ୍ର ଜେନା, ନାରାୟଣ ଚନ୍ଦ ବାରିକ ଯୋଗଦାନ କରିଥିଲେ। ଖବରଦାତା ସୁରକ୍ଷା ଆଇନ ପ୍ରଣୟନ ଓ ଖବରଦାତାଙ୍କୁ ପ୍ରଦାନ କରାଯାଇଥିବା ସ୍ୱାସ୍ଥ୍ୟବୀମା କାର୍ଡରେ ୨ ଲକ୍ଷ ବଦଳରେ ୫ ଲକ୍ଷକୁ ବୃଦ୍ଧି ସମେତ ଖବରଦାତାଙ୍କ ମା'ବାପାଙ୍କୁ ସାମିଲ କରିବା, ଜାତୀୟ ରାଜପଥରେ ଯାତାୟାତ ସମୟରେ ଖବରଦାତାଙ୍କୁ ଟୋଲଗେଟ୍ ଫ୍ରି ଅନୁମତି, ୬୦ ବର୍ଷ ପରେ ସେମାନଙ୍କୁ ପେନ୍‌ସନ ପ୍ରଦାନ ଉପରେ ଅତିଥିମାନେ ଗୁରୁତ୍ୱାରୋପ କରିଥିଲେ। ଜିଲା ସମ୍ପାଦକ ଗୌରହରି ନାୟକ ଅତିଥି ପରିଚୟ ଓ ହେମନ୍ତ ମହାପାତ୍ର ଧନ୍ୟବାଦ ଦେଇଥିଲେ। ଭଦ୍ରକ ଜିଲାର ବିଭିନ୍ନ ବ୍ଲକରୁ ବହୁ ଗଣମାଧ୍ୟମ ପ୍ରତିନିଧି ବୈଠକରେ ଯୋଗ ଦେଇଥିଲେ।


ମହୋତ୍ସବର ୫ମ ସନ୍ଧ୍ୟା କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

# ଶିକ୍ଷାବିତ୍ ବିମଳଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ

**ବାସୁଦେବପୁର, ୧୫।୧୨(ଡି.ଏନ.ଏ.)**


ଶିକ୍ଷାବିତ୍ ବିମଳ ରାୟଙ୍କ ପ୍ରତିମୂର୍ତ୍ତିକୁ ଉନ୍ମୋଚନ କରୁଛନ୍ତି ବିଧାୟକ ବିଷ୍ଣୁବ୍ରତ ରାଉତରାୟ।

ବାସୁଦେବପୁର ଅଞ୍ଚଳର ବିଶିଷ୍ଟ ଶିକ୍ଷାବିତ୍ ତଥା ପୂର୍ବତନ ରାଜ୍ୟପାଳ ପୁରସ୍କାରପ୍ରାପ୍ତ ପ୍ରଧାନଶିକ୍ଷକ ସ୍ୱର୍ଗତ ବିମଳ କୁମାର ରାୟଙ୍କର ୩ଟି ପ୍ରତିମୂର୍ତ୍ତି ପୃଥକ୍ ପୃଥକ୍ ସ୍ଥାନରେ ରବିବାର ସନ୍ଧ୍ୟାରେ ଉନ୍ମୋଚିତ ହୋଇଛି। ବିରସସ୍ଥିତ କେଏନ୍ ଉଚ୍ଚ ବାଳିକା ବିଦ୍ୟାଳୟ ପରିସରରେ ତାଙ୍କ ପ୍ରତିମୂର୍ତ୍ତିକୁ ବିଧାୟକ ବିଷ୍ଣୁବ୍ରତ ରାଉତରାୟ ଉନ୍ମୋଚନ କରିଥିଲେ। ସେହିପରି ନରେନ୍ଦ୍ର ପ୍ରସାଦ ଉଚ୍ଚ ସରକାରୀ ବିଦ୍ୟାଳୟ ଓ ବିଦେଇପୁର ବବୁଲ୍ ପାର୍କସ୍ଥିତ ବାସଭବନରେ ବିଧାୟକଙ୍କ ଦ୍ୱାରା ପ୍ରତିମୂର୍ତ୍ତି ଉନ୍ମୋଚନ କରାଯାଇଥିଲା। ପ୍ରତିମୂର୍ତ୍ତି ଉନ୍ମୋଚନ କାର୍ଯ୍ୟକ୍ରମ ଓ ସ୍ମୃତିଚାରଣ ସଭାରେ ବିଧାୟକ ରାଉତରାୟଙ୍କ ସହ ପୂର୍ବତନ ମନ୍ତ୍ରୀ ବିଜୟଶ୍ରୀ ରାଉତରାୟ, ବିଧାୟକ ପ୍ରତିନିଧି ଅସିତ ଦାସ, ଦେବଦର୍ଶନ ଦାସ, ସରପଞ୍ଚ ଯଦୁନାଥ ନାୟକ, ସୁଧାଂଶୁ ଶେଖର ମିଶ୍ର, ଅଭିମନ୍ୟୁ ବେହେରା, ବନମାଳୀ ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

# ଗଣ୍ଡଗୋଳ ଘଟଣାରେ ୨ ଠିକାଦାର ଗିରଫ

**ବାସୁଦେବପୁର, ୧୫।୧୨(ଡି.ଏନ.ଏ.)**

ବାସୁଦେବପୁର ଟାଉନହଲଠାରେ ଟେଣ୍ଡର ପ୍ରକ୍ରିୟାକୁ ନେଇ ଗଣ୍ଡଗୋଳ ଘଟଣାରେ ପୋଲିସ ଗୋଟିଏ ପକ୍ଷରୁ ୨ ଠିକାଦାରଙ୍କୁ ଗିରଫ କରିଛି। ସେମାନେ ହେଲେ ସୁରେଶ୍ୱରପୁର ଗ୍ରାମର ଜଗବନ୍ଧୁ ଦାସ ଓ ରାଧାନାଥପୁର ଗ୍ରାମର ସରୋଜ କୁମାର ବିଶ୍ୱାଳ। ସେମାନଙ୍କୁ ରବିବାର କୋର୍ଟ ଚାଲାଣ କରାଯାଇଛି। ଏ ନେଇ ଥାନାରେ ମାମଲା(ନଂ.୨୭୨/୧୯) ରୁଜୁ ହୋଇଛି। ଗଣ୍ଡଗୋଳ ଘଟଣାରେ ଦୁଇପକ୍ଷର ଏତଲାକୁ ଭିତ୍ତିକରି ଦୁଇଟି ମାମଲା ରୁଜୁ କରାଯାଇ ଘଟଣାର ଅଧିକ ତଦନ୍ତ ଚାଲିଥିବା ପୋଲିସ କହିଛି।

## ■ ତ୍ୟାଗଭୂମି ମହୋତ୍ସବର ୫ମ ସନ୍ଧ୍ୟା

# ଶିକ୍ଷା ବ୍ୟବସ୍ଥାରେ ସଂସ୍କାର ଆଣିବାକୁ ଗୁରୁତ୍ୱ

**ଭଦ୍ରକ ଅଫିସ, ୧୫।୧୨**

ଭଦ୍ରକ ଟାଉନହଲ ପରିସରରେ ଚାଲିଥିବା ତ୍ୟାଗଭୂମି ମହୋତ୍ସବର ରବିବାର ଥିଲା ୫ମ ସନ୍ଧ୍ୟାରେ 'ସାମ୍ପ୍ରତିକ ଶିକ୍ଷା ବ୍ୟବସ୍ଥାରେ ସଂସ୍କାର ଦୃଷ୍ଟି' ବିଷୟବସ୍ତୁ ଉପରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ସାହିତ୍ୟିକ ଡା. ଦୁର୍ଯ୍ୟୋଧନ ଦାସଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ବିଶ୍ୱ ଶିକ୍ଷକ ମହାସଂଘ ସଭାପତି ଡ. ଅମିୟ କୁମାର ମହାନ୍ତି ଯୋଗଦେଇ ଶିକ୍ଷା ବ୍ୟବସ୍ଥାରେ ସଂସ୍କାର ଆଣିବା ଉପରେ ଗୁରୁତ୍ୱାରୋପ କରିଥିଲେ। ମୁଖ୍ୟବକ୍ତା ଭାବେ ପ୍ରଫେସର ରାଜକିଶୋର ସାହୁ ଯୋଗଦେଇ ଶିକ୍ଷା ବ୍ୟବସ୍ଥାରେ ଥିବା ବିଭିନ୍ନ ସମସ୍ୟା ଓ ଏହାର ସମାଧାନ କରାଯିବା ନିତାନ୍ତ ଆବଶ୍ୟକ ବୋଲି କହିଥିଲେ। ସଙ୍ଗଠନର ସମ୍ପାଦକ ବାବୁଲାଲ ଦାସ ଅତିଥିଙ୍କୁ ମଞ୍ଚ ଆମନ୍ତ୍ରଣ ଓ ଗାନ୍ଧୀ ବିଚାର ମଞ୍ଚ ସମ୍ପାଦକ ଶାନ୍ତନୁ କୁମାର ରାଉତ ଅତିଥି ପରିଚୟ ପ୍ରଦାନ କରିଥିଲେ। ଆଇନଜୀବୀ ଗଦାଧର ବଳ ପ୍ରାକ୍ ସୂଚନା ବକ୍ତବ୍ୟ ରଖିଥିଲେ। କେନ୍ଦୁଝରର ବୀଣାପାଣି କଳା ନିକେତନ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

ଧରିତ୍ରୀ
DHARITRI
ବାଲେଶ୍ୱର, ସୋମବାର, ୧୬ ଡିସେମ୍ବର, ୨୦୧୯



## ସଂକ୍ଷେପରେ

### ଗରିବଙ୍କୁ ସହାୟତା



ହାଟଡିହୀ,୧୫।୧୨(ଡି.ଏନ୍.ଏ.): କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ସୁଲଣ ଗ୍ରାମରେ ଥିବା ମା' ତାରିଣୀ ସେବା ସଂସ୍ଥାନ ଦ୍ୱାରା ଗରିବଙ୍କୁ ଆଦିବାସୀ ଇଲାକା ହଦଗଡ ପଞ୍ଚାୟତ ଦଳିକି ଗ୍ରାମରେ ସହାୟତା ପ୍ରଦାନ କରାଯାଇଛି । ଏହି ସେବା ସଂସ୍ଥାନର ୨ଶହରୁ ଉର୍ଦ୍ଧ୍ୱ ସଦସ୍ୟାସଦସ୍ୟ ଦଳିକି ଗ୍ରାମକୁ ଯାଇ ଆଦିବାସୀ ଗରିବଙ୍କୁ କମ୍ବଳ, ଶାଢ଼ୀ, ଲୁଙ୍ଗି, ଡ୍ରେସ, ଗାମୁଛା, ଖାଦ୍ୟ, ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ବଣ୍ଟନ କରିଥିଲେ। ସାମାଜିକକର୍ମୀ ସୁରେଶ୍ୱରୀ ସାଗରିକା ଜେନାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଉମାକାନ୍ତ ରାଉତ ସଂଯୋଜନା କରିଥିଲେ। ସେବାସଂସ୍ଥାନର ସଦସ୍ୟାସଦସ୍ୟ, ଦଳିକି ଅଙ୍ଗନୱାଡି କର୍ମୀ ଚମ୍ପାବତୀ ଯେନା, ପୂର୍ବତନ ୱାର୍ଡମେମ୍ବର ଅନାମ ଚରଣ ପ୍ରଧାନ, ଉମାକାନ୍ତ ଯେନା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ସେବାସଂସ୍ଥାନର ଏପରି କାର୍ଯ୍ୟକୁ ବିଭିନ୍ନ ମହଲରେ ସ୍ୱାଗତ ଓ ପ୍ରଶଂସା କରାଯାଇଛି ।

### ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ବୁଲିଲେ ସିଡିଏମଓ

ରାଇସୁଆଁ,୧୫।୧୨(ଡି.ଏନ.ଏ.): ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ଖବର ବୁଧବାର ଧରିତ୍ରୀରେ ପ୍ରକାଶିତ ହେବା ପରେ ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇବା ସହିତ ପଦ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ସିଡିଏମଓ ଅଶୋକ ଦାସ ଏବଂ ଏଡିଏମଓ ମିଳିତ ଭାବେ ଶୁକ୍ରବାର ପରିଦର୍ଶନ କରିବା ସହିତ ସ୍ୱାସ୍ଥ୍ୟସେବା ଯାଞ୍ଚ କରି ନିରାମୟ ଯୋଜନାରେ ମିଳୁଥିବା ଔଷଧ ଯାଞ୍ଚ କରିଥିଲେ।

### ଜିଲାରେ ରାଷ୍ଟ୍ରୀୟ ଲୋକ ଅଦାଲତ

କେନ୍ଦୁଝର, ୧୫।୧୨(ଡି.ଏନ୍.ଏ.):ଜିଲା ଆଇନ ସେବା ପ୍ରାଧିକରଣ, କେନ୍ଦୁଝର ଆନୁକୂଲ୍ୟରେ ଜିଲା କୋର୍ଟ ସମେତ ଆନନ୍ଦପୁର, ଚମ୍ପୁଆ ଓ ବଡବିଲ ଆଦି କୋର୍ଟରେ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଲୋକ ଅଦାଲତରେ ସମୁଦାୟ ୪୭୮ଟି ମକଦ୍ଦମାର ଫଇସଲା କରାଯାଇ ୩ କୋଟି ୯୩ ଲକ୍ଷ ୧ ହଜାର ୪୧୭ ଟଙ୍କା ଜରିମାନା, ରାଜସ୍ୱ ଓ କ୍ଷତିପୂରଣ ଆଦାୟ ହୋଇଛି। ଜିଲା କୋର୍ଟ ପରିସରରେ ଅନୁଷ୍ଠିତ ଏହି ରାଷ୍ଟ୍ରୀୟ ଅଦାଲତକୁ ପ୍ରାଧୀକରଣର ଅଧକ୍ଷ ତଥା ଜିଲା ଓ ଦୌରାଜଜ୍ ବେଣୁଧର ପାତ୍ର ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଜାତୀୟ ଓ ରାଜ୍ୟ ଆଇନ ସେବା ପ୍ରାଧୀକରଣଙ୍କ ନିର୍ଦ୍ଦେଶକ୍ରମେ ଏହି ଲୋକ ଅଦାଲତରେ ମୋଟରଯାନ ଦୁର୍ଘଟଣାଜନିତ କ୍ଷୟକ୍ଷତି, ସହମତି ଭିତ୍ତିରେ ପାରିବାରିକ ବିବାଦର ସମାଧାନ, ଜମିଜମା ଠମାମଲାର ଫଇସଲା, ବ୍ୟାଙ୍କ ଋଣ ଖିଲାପକାରୀ ଆଦିର ଆଶୁ ସମାଧାନ ଉକ୍ତ ଅଦାଲତରେ ଫଇସଲା କରାଯାଇ ଲୋକମାନଙ୍କୁ ତ୍ୱରିତ ନ୍ୟାୟ ପ୍ରଦାନ କରାଯାଇଥାଏ। କେନ୍ଦୁଝର ଜିଲା କୋର୍ଟ ପରିସରରେ ଅନୁଷ୍ଠିତ ଅଦାଲତରେ ଅତିରିକ୍ତ ଜିଲା ଜଜ୍ ଲୋକନାଥ ସାହୁ, ପରିବାର ଅଦାଲତ ବିଚାରପତି ମିନତୀ କୁମାରୀ ପଣ୍ଡା, ସ୍ଥାୟୀ ଲୋକ ଅଦାଲତ(ସାଧାରଣ ଉପଯୋଗ ସେବା)ର ଅଧକ୍ଷ ରାମନାଥ ପଣ୍ଡା, ସ୍ୱତନ୍ତ୍ର ବିଚାରପତି ସୁଶ୍ରୀ ରେଖା ପ୍ରସାଦ, ମୁଖ୍ୟ ବିଚାର ବିଭାଗୀୟ ବିଚାରପତି ତିରଞ୍ଜନ ପାତ୍ର ପ୍ରମୁଖ ନିଜ ନିଜର କୋର୍ଟ ପରିଚାଳନା କରିଥିଲେ।

### 'ହୋ' ସମାଜର ବାର୍ଷିକ ସମ୍ମିଳନୀ ପ୍ରସ୍ତୁତି

ତେଲକୋଇ, ୧୫।୧୨(ଡି.ଏନ.ଏ.): ତେଲକୋଇ ବ୍ଲକର 'ହୋ' ସମାଜର ରବିବାର ବାର୍ଷିକ ସମ୍ମୀଳନୀ ପାଇଁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଡାକବଙ୍ଗଳା ପ୍ରାଙ୍ଗଣରେ ଉକ୍ତ ସଭାରେ ମୁଖ୍ୟଅତିଥି ଭାବେ କେନ୍ଦ୍ରୀୟ ସାଧାରଣ ସମ୍ପାଦକ ତିରିଲ ତିରିଆ ଯୋଗ ଦେଇଥିବା ବେଳେ ଜିଲା ଶାଖାର ଗୌରଚନ୍ଦ୍ର ମୁଣ୍ଡା, ବ୍ଲକ ସଭାପତି ଟାଙ୍ଗଲା ସୟେଜ, ବଳରାମ ଡିଗି, ସମ୍ପାଦକ ଜାନୁରୀ ମୁଣ୍ଡା, ରାକେ ହେମ୍ବ୍ରମ, ପରେଶ ହାସଦା, ଉପଦେଷ୍ଟା କରାଟେ ବିଜୟ କୁମାର ବଦ୍ରା, ଗୋଲାରାମ ସଏ ସମେତ ବିଭିନ୍ନ ପଞ୍ଚାୟତର ପ୍ରମୁଖ ସଦସ୍ୟ ଅଂଶଗ୍ରହଣ କରିଥିଲେ।

## ହଦଗଡ ଜବାହର ନବୋଦୟ ବିଦ୍ୟାଳୟ

# ହେଉନି ଭିତ୍ତିଭୂମିର ବିକାଶ

ହାଟଡିହୀ,୧୫।୧୨(ଡି.ଏନ୍.ଏ.)

- ପାଚେରି ନାହିଁ, ଜଙ୍ଗଲ ପାହାଡ ପାଦଦେଶରେ ବାଳିକା ହଷ୍ଟେଲ
- ବିଦ୍ୟାଳୟ ମଝିରେ ସର୍ବସାଧାରଣ ରାସ୍ତା ବଢ଼ାଉଛି ଚିନ୍ତା

କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ହଦଗଡ ପଞ୍ଚାୟତ ବଣପାହାଡ ଘେରାରେ ଜବାହର ନବୋଦୟ ବିଦ୍ୟାଳୟ ୧୯୮୬ରେ ଆରମ୍ଭ ହେବାପରଠାରୁ ବିଭିନ୍ନ ସମସ୍ୟା ନେଇ ଗତି କରିଚାଲିଛି। ଏହି ବିଦ୍ୟାଳୟ ହଦଗଡ ହସ୍ତୀ ଅଭୟାରଣ୍ୟ ଓ ହଦଗଡ ଡ୍ୟାମକୁ ଲାଗିରହିଛି। ବିଦ୍ୟାଳୟ ମଝିରେ ସର୍ବସାଧାରଣଙ୍କ ଯାତାୟାତ ରାସ୍ତା ରହିଛି। ଏହି ରାସ୍ତା ହଦଗଡ ଡ୍ୟାମକୁ ସଂଯୋଗ କରୁଛି ଏଣୁ ଡ୍ୟାମକୁ ଯାଉଥିବା ପର୍ଯ୍ୟଟକ ଓ ଅନ୍ୟମାନେ ଶିକ୍ଷାନୁଷ୍ଠାନ ଦେଇ ବେପରୁଆ ଗାଡିଚାଳନା କରିଥିବାସହ ବିଦ୍ୟାଳୟ ପରିସରରେ ଗାଡି ପାର୍କିଙ୍ଗ କରୁଛନ୍ତି। ଫଳରେ ଛାତ୍ରୀଛାତ୍ର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେହିପରି ଏଠାରେ ନିର୍ମିତ ବାଳିକା ହଷ୍ଟେଲ ହଦଗଡ ଜଙ୍ଗଲ ପାହାଡ଼ ପାଦଦେଶକୁ ସଂଲଗ୍ନ କରୁଛି। ବିଦ୍ୟାଳୟର ସୁରକ୍ଷା ପାଚେରି ନଥିବାରୁ ବନ୍ୟ ଜନ୍ତୁମାନେ ବିଭିନ୍ନ ସମୟରେ ପଶିଆସୁଛନ୍ତି। ଏପରକି ବହୁଥର ହାତୀ ବିଦ୍ୟାଳୟ ପରିସର ଭିତରକୁ ଆସି ଡ୍ରେନ ଓ ଗଛ ଭାଙ୍ଗିଥିବା କାରଣରୁ ଅଭିଭାବକ, ଛାତ୍ରୀଛାତ୍ର ଓ ଶିକ୍ଷକମାନେ ଚିନ୍ତା ପ୍ରକଟ କରିଛନ୍ତି।



ପାହାଡ଼ ପାଦଦେଶରେ ଛାତ୍ରୀନିବାସ।

ଉଲ୍ଲେଖନୀୟ ଯେ, ଏଠାରୁ ବହୁ ଛାତ୍ରୀଛାତ୍ର ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ ରେକର୍ଡ କରିଥିବା ବେଳେ ଭିତ୍ତିଭୂମିର ବିକାଶ ପ୍ରତି କୌଣସି ଗୁରୁତ୍ୱ ଦିଆଯାଉନାହିଁ। ବିଦ୍ୟାଳୟ ପରିସରରେ ୨ଟି ପରିତ୍ୟକ୍ତ ଭଙ୍ଗା ଘର ବିପଦସଙ୍କୁଳ ସ୍ଥିତିରେ ରହିଛି। ପାଚେରି ନ ଥିବା ଏବଂ ବିଦ୍ୟାଳୟ ମଝିରେ ରାସ୍ତା ଯାଇଥିବା କାରଣରୁ ଛାତ୍ରୀଛାତ୍ରଙ୍କ ସୁରକ୍ଷାପ୍ରତି ବିପଦ ଥିବା ଅଭିଭାବକମାନେ କହିଛନ୍ତି। ଏଠାରେ ଛାତ୍ରୀଛାତ୍ର ଅସୁସ୍ଥ ହେଲେ ୪୦ କି.ମି. ଦୂର ଆନନ୍ଦପୁର ଉପଖଣ୍ଡ ଡାକ୍ତରଖାନାକୁ ଚିକିତ୍ସା ହେବାକୁ ଯାଇଥାନ୍ତି। ।ଏପରିକି ଡାକ୍ତରଖାନାକୁ ଯିବାପାଇଁ ଆମ୍ବୁଲାନ୍ସ କି ଅନ୍ୟ କୌଣସି ଗାଡି ସୁବିଧା ନାହିଁ। ବିଦ୍ୟାଳୟରେ ଏବେ ୫୬୦ ଛାତ୍ରୀଛାତ୍ର ପଢୁଛନ୍ତି। ସେମାନଙ୍କ ମଧ୍ୟରୁ ୨୨୦ ଛାତ୍ରୀ ଥିବାବେଳେ ୩୪୦ଜଣ ଛାତ୍ର ଅଛନ୍ତି। ୫୬୦ ଛାତ୍ରୀଛାତ୍ରଙ୍କ ପାଇଁ ହଷ୍ଟେଲ ସୁବିଧା ନ ଥିବାବେଳେ ଏବେ ପ୍ରାୟ ୫.୫୦କୋଟି ଟଙ୍କା ବ୍ୟୟରେ ହଷ୍ଟେଲର ଉନ୍ନତୀକରଣ କାମ କରାଯାଇଛି। ଏହି ଉନ୍ନତୀକରଣ କାର୍ଯ୍ୟରେ ୧୨୮ ଛାତ୍ରୀଙ୍କ ପାଇଁ ଏବଂ ୨୦୮ ଜଣ ଛାତ୍ରଙ୍କ ପାଇଁ ହଷ୍ଟେଲ ସୁବିଧା ମିଳିବ। ଫଳରେ ଅବଶିଷ୍ଟ ୯୨ ଛାତ୍ରୀ ଓ ୧୩୨ ଛାତ୍ର କେଉଁଠି ରହିବେ ତାହା ଶିକ୍ଷକ ଓ ଅଭିଭାବକଙ୍କ ପାଇଁ ଚିନ୍ତାର ବିଷୟ ହୋଇଛି। ବିଦ୍ୟାଳୟ ଖେଳ ପଡିଆର ଉନ୍ନତୀକରଣ ପାଇଁ ଘଟଗାଁ ଗ୍ରାମ୍ୟ ଉନ୍ନୟନ ବିଭାଗ ତରଫରୁ ଗତ ତା ୧।୧୧।୨୦୧୯ରିଖରେ ଜିଲା ଖଣିଜ ପାଣ୍ଠିରୁ ୧୩୨.୫୭ଲକ୍ଷ ଟଙ୍କା ଏଷ୍ଟିମେଟ୍ କରାଯାଇ ଜିଲାପାଳଙ୍କୁ ମେମୋ ନଂ.୩୦୦୭,ପିଡି ଡିଆରଡିଏଙ୍କୁ ମେମୋ ନଂ. ୩୦୦୮ ଏବଂ କେନ୍ଦୁଝର ଗ୍ରାମ୍ୟ ଉନ୍ନୟନ ବିଭାଗ ସୁପରିଟେଣ୍ଡିଙ୍ଗ ଇଞ୍ଜିନିୟରଙ୍କୁ ଚିଠି (ନଂ. ୩୦୦୬)ରେ ପ୍ରସ୍ତାବ ଦିଆଯାଇଥିଲା । ଏଯାଏ ତାହା ପ୍ରସ୍ତାବରେ। ଏହି ବିଦ୍ୟାଳୟର ବିଭିନ୍ନ ସମସ୍ୟା ନେଇ ଅଭିଭାବକମାନେ ଗତ ସେପ୍ଟେମ୍ବର ୩୦ ତାରିଖରେ ବିଦ୍ୟାଳୟରେ ଆୟୋଜିତ ବୈଠକରେ ନିଷ୍ପତ୍ତି ନେଇ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଜିଲାପାଳ ବର୍ତ୍ତମାନ ଏହି ବିଦ୍ୟାଳୟର ଚେୟାରମ୍ୟାନ ଅଛନ୍ତି। ଅଭିଭାବକମାନେ ବିଦ୍ୟାଳୟ ସମସ୍ୟା ନେଇ ଜିଲା ପ୍ରଶାସନ ନିକଟରେ ଅଭିଯୋଗ କରି କୌଣସି ସୁଫଳ ନ ପାଇବାରୁ ନବୋଦୟ ବିଦ୍ୟାଳୟ କମିଶନରଙ୍କୁ ଭେଟି ଏସମ୍ପର୍କରେ ଅବଗତ କରାଇବାକୁ ନିଷ୍ପତ୍ତି ନେଇଛନ୍ତି। ଅଭିଭାବକଙ୍କ ଅଭିଯୋଗ ସମ୍ପର୍କରେ ପ୍ରିନ୍ସିପାଲ ପି.ମଣିକଣ୍ଠନଙ୍କୁ ପଚାରିବାରୁ କହିଛନ୍ତି, ବିଦ୍ୟାଳୟର ବିଭିନ୍ନ ଅବ୍ୟବସ୍ଥା ଓ ସମସ୍ୟା ରହିଛି। ଏ ବାବଦରେ ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରାଯାଇଛି। ଖୁବ୍‌ଶୀଘ୍ର ଆବଶ୍ୟକ ପଦକ୍ଷେପ ନିଆଯିବ।

### ଜିଲାସ୍ତରୀୟ ଜୁନିୟର ରେଡ଼କ୍ରସ କ୍ୟାମ୍ପ ନିମନ୍ତେ ବୈଠକ

ଢେଙ୍କିକୋଟ, ୧୫।୧୨ (ଡି.ଏନ୍.ଏ.): କେନ୍ଦୁଝର ଜିଲାସ୍ତରୀୟ ଜୁନିୟର ରେଡ଼କ୍ରସ କ୍ୟାମ୍ପ ନିମନ୍ତେ ପ୍ରସ୍ତୁତି ବୈଠକ ଘଟଗାଁ ଶିକ୍ଷାଜିଲା ଅଧିକାରୀ କ୍ଷେତ୍ରମୋହନ ହାଁସଦାଙ୍କ ଅଧକ୍ଷତାରେ ସତ୍ୟନାରାୟଣ ବିଦ୍ୟାପୀଠ ସଭାଗୃହରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ପାଟଣା ଶିକ୍ଷାଜିଲା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଅମାନ୍ତ ଜିଲା ଓଷ୍ଟା ସମ୍ପାଦକ କ୍ଷୀରୋଦ କୁମାର ରାଉତ, ରାଜ୍ୟ ଓଷ୍ଟା କାର୍ଯ୍ୟକାରିଣୀ ସଦସ୍ୟ କାହ୍ନୁଚରଣ ସାମଲ, ସର୍ଦ୍ଦାର ବାରିକ, ଜିଲା ଓଷ୍ଟା ଯୁଗ୍ମ ସମ୍ପାଦକ ସୌମ୍ୟରଞ୍ଜନ ଦେଓ, ଘଟଗାଁ ଶିକ୍ଷାଜିଲାର ସମସ୍ତ ସିଆର୍‌ସି ବୁଦ୍ଧିଜୀବୀ, ଶିକ୍ଷାବିତ୍ ଉପସ୍ଥିତ ରହିଥିଲେ। ବ୍ଲକ ଶିକ୍ଷାଧିକାର କ୍ଷେତ୍ରମୋହନ ହାଁସଦା ସମସ୍ତଙ୍କୁ ସାହାଯ୍ୟ ଏବଂ ସହଯୋଗ କରି କ୍ୟାମ୍ପ କିପରି ଶାନ୍ତି ଶୃଙ୍ଖଳାର ସହ ଆସନ୍ତା ୧୯, ୨୦, ୨୧ ତିନିଦିନ ଧରି ଛାତ୍ରୀଛାତ୍ରମାନେ ସେମାନେ ସେମାନଙ୍କ ରେଡ଼କ୍ରସ ପାରଦର୍ଶିତା ଦକ୍ଷତାର ସହ ଶିକ୍ଷାଗ୍ରହଣ କରି ପାରିବେ। ସେ ଦିଗରେ ଧ୍ୟାନ ଦେବାପାଇଁ କହିଛନ୍ତି। ଜିଲାରେ ଥିବା ସମସ୍ତ ସ୍କୁଲରୁ ୫୦୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଓ ଗାଇଡ଼ ଶିକ୍ଷକ ଏହି କ୍ୟାମ୍ପରେ ଯୋଗଦେବେ।

## ଅଭିଜ୍ଞାନ ମନ୍ଦିରର ବାର୍ଷିକ ଉତ୍ସବ



ବିଦ୍ୟାଳୟର ବାର୍ଷିକ ଉତ୍ସବରେ ଉପସ୍ଥିତ ଅତିଥିଙ୍କ ସହିତ ଛାତ୍ରୀଛାତ୍ର।

ଯୋଡ଼ା, ୧୫।୧୨ (ଡି.ଏନ.ଏ.): କେନ୍ଦୁଝର ଜିଲା ଯୋଡା ସହରର ବନେଇକଳାଠାରେ ଥିବା ଅଭିଜ୍ଞାନ ମନ୍ଦିର ବିଦ୍ୟାଳୟର ୧୩ ତମ ବାର୍ଷିକ ଉତ୍ସବ ରବିବାର ପୂର୍ବାହ୍ଣରେ ବିଦ୍ୟାଳୟ ପରିସରରେ ପାଳିତ ହୋଇଯାଇଛି । ପରିବେଶ ପ୍ରଦୂଷଣ ରୋକିବା ପାଇଁ ଉପସ୍ଥିତ ଜନସାଧାରଣଙ୍କୁ ସଚେତନ କରାଇବା ନିମନ୍ତେ ବିଦ୍ୟାଳୟ ପକ୍ଷରୁ 'ଗୋ-ଗ୍ରିନ୍' ଉକ୍ତିଟି ବାର୍ଷିକ ଉତ୍ସବର ବିଷୟବସ୍ତୁ ରହିଥିଲା। ବିଦ୍ୟାଳୟର କେନ୍ଦ୍ର ନିର୍ଦ୍ଦେଶକ ସୁଜାତା ପଟ୍ଟନାୟକଙ୍କ ଅଧକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ଚମ୍ପୁଆ ବିଧାୟିକା ମୀନାକ୍ଷୀ ମହାନ୍ତ ଓ ସମ୍ମାନିତ ଅତିଥି ଭାବେ ଯୋଡା ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀ ସୂର୍ଯ୍ୟମଣି ପାଟ୍ଟଯୋଶୀ ଯୋଗ ଦେଇଥିଲେ। ବିଦ୍ୟାଳୟର କୁନି କୁନି ଛାତ୍ରୀଛାତ୍ରମାନେ ସ୍ୱାଗତ ସଂଗୀତ, ଗାୟତ୍ରୀ ମନ୍ତ୍ର ଓ ମହାମୃତ୍ୟୁ ମନ୍ତ୍ର ଗାନ କରିଥିଲେ। ଅଭିଜ୍ଞାନ ମନ୍ଦିର ଭଳି ମଧ୍ୟମ ଇଂରାଜୀ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କୁ ଗାୟତ୍ରୀ ମନ୍ତ୍ର , ମହାମୃତ୍ୟୁଞ୍ଜୟ ମନ୍ତ୍ର ଓ ଉତ୍ତମ ସଂସ୍କାରର ଶିକ୍ଷା ଦିଆଯାଉଥିବାରୁ ବିଧାୟିକା ମହାନ୍ତ ବିଦ୍ୟାଳୟର ଶିକ୍ଷୟତ୍ରୀଶିକ୍ଷକଙ୍କୁ ଧନ୍ୟବାଦ ଦେଇଥିଲେ। ଯୋଡା ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀ ପାଟ୍ଟଯୋଶୀ ମଧ୍ୟ ବିଦ୍ୟାଳୟର ଉନ୍ନତିକାମନା କରିଥିଲେ। ପରେ ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ର ଏବଂ ମାତାପିତାଙ୍କୁ ନେଇ କରାଯାଇଥିବା ପ୍ରତିଯୋଗିତାରେ ମଧ୍ୟ କୃତୀ ମାତାପିତାଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ବିଦ୍ୟାଳୟର ଶିକ୍ଷୟିତ୍ରୀ ଅଲିଭା ଖାକା ମଞ୍ଚ ପରିଚାଳନା କରିଥିବା ବେଳେ ଶିକ୍ଷୟିତ୍ରୀ ତାପ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

## ଶିଳ୍ପତାଲିମକେନ୍ଦ୍ରରେ କ୍ରୀଡ଼ା ଉତ୍ସବ

କେନ୍ଦୁଝର,୧୫।୧୨(ସ୍ୱ.ପ୍ର.): ସଦର ବ୍ଲକ ପଦ୍ମପୁର ମହେଶର ସାହୁ ଶିଳ୍ପତାଲିମ କେନ୍ଦ୍ରରେ ମହେଶର ସାହୁଙ୍କ ୨୬ତମ ଜନ୍ମ ବାର୍ଷିକ ଅବସରରେ ଦୁଇ ଦିନିଆ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି। ଏହି ଅବସରରେ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଉଦ୍‌ଘାଟନ ଉତ୍ସବ ଅନୁଷ୍ଠାନର ସଭାପତି ଉତ୍ତମ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ସଭାରେ ଅନୁଷ୍ଠାନର ଅଧକ୍ଷ ଇଂ ବସନ୍ତ କୁମାର ଦାନୀ ବାର୍ଷିକ ବିବରଣୀ ପାଠ କରିଥିଲେ। ମୁଖ୍ୟଅତିଥିଭାବେ ପଦ୍ମପୁର ହାଇସ୍କୁଲର ପୂର୍ବତନ ପ୍ରଧାନ ଶିକ୍ଷକ ଆଖଣ୍ଡଳମଣୀ ବାରିକ ଯୋଗଦେଇଥିଲେ। କ୍ରୀଡ଼ାରେ କୃତୀ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କାର ଏବଂ ମାନପତ୍ର ପ୍ରଦାନ କରାଯାଇଥିଲା। ଦୁଇଦିନ ଧରି ଚାଲିଥିବା କ୍ରୀଡ଼ାଉତ୍ସବକୁ ଅନୁଷ୍ଠାନର ଶିକ୍ଷକ ସାନନ୍ଦ ପୃଷ୍ଟି, ଦୈତାରୀ ମହାନ୍ତ, ମହେଶ ଚନ୍ଦ୍ର ନାୟକଙ୍କ ତତ୍ତ୍ୱାବଧାନରେ କ୍ରୀଡ଼ା କାର୍ଯ୍ୟକ୍ରମ ଶାନ୍ତିଶୃଙ୍ଖଳାରେ ହୋଇଥିଲା।

## କାର୍ଯ୍ୟାନୁଷ୍ଠାନ ନହେବାରୁ ଡିଏଫ୍‌ଓଙ୍କୁ ଭେଟିଲେ

କେନ୍ଦୁଝର, ୧୫।୧୨ (ସ୍ୱ.ପ୍ର.): ଘଟଗାଁ ମା' ତାରିଣୀ ମନ୍ଦିର ନିକଟ ଶାଳ ଜଙ୍ଗଲକୁ ନଷ୍ଟ କରାଯାଇ ବ୍ୟବସାୟିକ କାମରେ ବ୍ୟବହାର କରାଯାଉଥିବା ଅଭିଯୋଗ ହେବାପରେ ପ୍ରଶାସନ ପକ୍ଷରୁ ତଦନ୍ତ କରାଯାଇଥିଲେ ମଧ୍ୟ ଏଯାଏ କୌଣସି ପଦକ୍ଷେପ ନିଆଯାଇନାହିଁ। ଏହି ସ୍ଥାନରୁ ୬୦ ମୂଲ୍ୟବାନ ଗଛ କଟାଯାଇଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଥିବାବେଳେ ତଦନ୍ତ ବେଳେ କମ ଗଛ ନଷ୍ଟ ହୋଇଥିବା ଦର୍ଶାଯାଇଛି। ଏହି ପରିପ୍ରେକ୍ଷୀରେ ସ୍ଥାନୀୟ ଲୋକ ଗୁରୁବାର କେନ୍ଦୁଝର ଡିଏଫଓଙ୍କୁ ଭେଟି ଏହାର ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଛନ୍ତି। ଏହି ଜଙ୍ଗଲଟିକୁ ଲିଜ୍ ଆକାରରେ ବ୍ଲକକୁ ଦିଆ ଯାଇଥିବା ବେଳେ ପରେ କର୍ତ୍ତୃପକ୍ଷ ଏହାକୁ ସ୍ଥାନୀୟ ପଞ୍ଚାୟତକୁ ହସ୍ତାନ୍ତର କରିଥିଲେ। ଗତ ୩ ବର୍ଷ ହେଲା ଚୁକ୍ତି ଖିଲାପ କରାଯାଇ ଏହି ସ୍ଥାନକୁ ବ୍ୟବସାୟିକ କାର୍ଯ୍ୟରେ ବ୍ୟବହାର କରାଯାଇଆସୁଥିବା ସେମାନେ ଡିଏଫ୍‌ଓଙ୍କୁ ଦେଇଥିବା ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି। ଅନ୍ୟପକ୍ଷେ ଉକ୍ତ ଜଙ୍ଗଲକୁ ସାନି ଲିଜ ଦେବାକୁ ଉଦ୍ୟମ କରାଯାଉଥିବା କୁହାଯାଉଛି। ଏନେଇ ଘଟଗାଁ ରେଞ୍ଜର ଅଶୋକ ନାୟକଙ୍କୁ ପଚାରିବାରୁ କହିଛନ୍ତି ଅଭିଯୋଗର ତଦନ୍ତ କରି ରିପୋର୍ଟ ପ୍ରଦାନ କରାଯାଇଛି । ଉଚ୍ଚ ଅଧିକାରୀ ଯାହାକିଛି ପଦକ୍ଷେପ ନେବେ ।

ଆଜି କ'ଣ କେଉଁଠି ପ୍ରସ୍ତରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

# ସହାୟତା ଅପେକ୍ଷାରେ ମନ୍ଦୋଦରୀ

ରାଇସୁଆଁ,୧୫।୧୨(ଡି.ଏନ.ଏ.)

ସରକାର ଗରିବ ନିରାଶ୍ରୟଙ୍କ ଥଇଥାନ ପାଇଁ ଯୋଜନାପରେ ଯୋଜନା କରିଚାଲିଛନ୍ତି। ମାତ୍ର ପ୍ରଶାସନିକସ୍ତରରେ ମାନସିକତାର ଅଭାବ ଏବଂ ପଞ୍ଚାୟତସ୍ତରୀୟ ରାଜନୈତିକ ନେତାଙ୍କ ଦୁର୍ନୀତିଗ୍ରସ୍ତ ପାଇଁ କେନ୍ଦୁଝର ଜିଲାର ବହୁ ଗରିବ ନିରାଶ୍ରୟ ସରକାରଙ୍କ ବହୁ ଜନକଲ୍ୟାଣ ଯୋଜନାରୁ ବଞ୍ଚିତ ହେଉଛନ୍ତି।

ଏହିପରି ଏକ ଘଟଣା ଦେଖିବାକୁ ମିଳିଛି କେନ୍ଦୁଝର ଜିଲା ସଦର ବ୍ଲକ ଅନ୍ତର୍ଗତ ଗୋବର୍ଦ୍ଧନ ଗ୍ରାମର ବାପମା' ଛେଉଣ୍ଡ ମନ୍ଦୋଦରୀ ନାଏକଙ୍କ କ୍ଷେତ୍ରରେ। ମନ୍ଦୋଦରୀଙ୍କ ୪ଭଉଣୀଙ୍କ ମଧ୍ୟରେ ମନ୍ଦୋଦରୀ ସବୁଠୁ ସାନ। ୩ ଭଉଣୀ ବାପା ମା' ଥିବା ସମୟରେ ଅନ୍ୟତ୍ର ବିବାହ କରିଦେଇଛନ୍ତି।



ଅସହାୟ ମନ୍ଦୋଦରୀ ନାଏକ।

ବାପା, ମା' ବହୁ ବର୍ଷରୁ ଆରପାରିକୁ ଚାଲି ଯାଇଥିବା ବେଳେ ଅସହାୟ ମନ୍ଦୋଦରୀ ପରଘରେ କାମ ଧନ୍ଦା କରିଚଳୁଛନ୍ତି। ଯେଉଁ ଦିନ କାମଧନ୍ଦା ବନ୍ଦ ସେଦିନ ଉପବାସରେ ରହୁଥିବା ସ୍ଥାନୀୟ ଜନସାଧାରଣ କହିଛନ୍ତି। ଭଙ୍ଗା ଦଦରା ଘରେ ବିପଦସଙ୍କୁଳ ଅବସ୍ଥାରେ ରହୁଥିବା ବେଳେ ବହୁ ବାର ମୁଣ୍ଡ ଗୁଞ୍ଜିବାକୁ ଖଣ୍ଡେ ଘର ପାଇଁ ପଞ୍ଚାୟତ କାର୍ଯ୍ୟାଳୟରୁ ବ୍ଲକ କାର୍ଯ୍ୟାଳୟକୁ ଧାଇଁ ଧାଇଁ ନୟାନ୍ତ ହେଲେଣି। ମାତ୍ର ଆଜିଯାଏ ତାଙ୍କୁ ଖଣ୍ଡେ ଘର ମିଳୁନି। ଜଣେ ଅସହାୟଙ୍କୁ ମୁଣ୍ଡ ଗୁଞ୍ଜିବାକୁ ଖଣ୍ଡେ ଘର ନ ମିଳିବା ଅତ୍ୟନ୍ତ ଦୁଃଖଦାୟକ କଥା ବୋଲି ବହୁ ସ୍ଥାନୀୟ ଜନସାଧାରଣ କହିବା ସହ ତୁରନ୍ତ ଜିଲାପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ମୁଣ୍ଡଗୁଞ୍ଜିବାକୁ ତାଙ୍କୁ ଖଣ୍ଡେ ଗୃହ ଯୋଗାଇ ଦେବାକୁ ବହୁ ଜନସାଧାରଣ ଦାବି କରିଛନ୍ତି।

## ଜାତୀୟ ଶକ୍ତି ସଂରକ୍ଷଣ ଦିବସ ପାଳିତ



ଶକ୍ତି ସଂରକ୍ଷଣ ଦିବସରେ ଛାତ୍ରୀଛାତ୍ର ଶୋଭାଯାତ୍ରାରେ ବାହାରିଛନ୍ତି।

ପାଟଣା,୧୫।୧୨(ସ୍ୱ.ପ୍ର.):କେନ୍ଦୁଝର ଜିଲା ପାଟଣା ବ୍ଲକ ମୁଖ୍ୟାଳୟ ସ୍ଥିତ ଗୋପୀନାଥ ନାରାୟଣ ଉଚ୍ଚ ବିଦ୍ୟାଳୟରେ ଓଡିଶା ସରକାରଙ୍କ ଜଙ୍ଗଲ ଓ ପରିବେଶ ବିଭାଗ ତରଫରୁ ଜାତୀୟ ଶକ୍ତି ସଂରକ୍ଷଣ ଦିବସ ପାଳିତ ହୋଇଛି। ଏହି ଅବସରରେ ବ୍ଲକ ସ୍ତରୀୟ କୁଇଜ ପ୍ରତିଯୋଗିତା ଓ ଶକ୍ତି ସଂଶକ୍ଷଣ ନେଇ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି। ଆୟୋଜିତ ସଭାରେ ପ୍ରଧାନ ଶିକ୍ଷୟିତ୍ରୀ କଳ୍ପନା ସିଂଙ୍କ ଅଧକ୍ଷତାରେ ଶିକ୍ଷକ ରମାରଞ୍ଜନ ପତି, ଶାନ୍ତନୁ କୁମାର ସାହୁ, ଦୀନବନ୍ଧୁ ନାଏକ, ଶିକ୍ଷୟିତ୍ରୀ ଶର୍ମିଷ୍ଠା ସୋରେନ, ନିରୂପମା ନାଏକ, ସନ୍ତୋଶିନୀ ସେଠୀ ଓ ମନସ୍ୱିନୀ ବିଶ୍ୱାଳ ପ୍ରମୁଖ ଯୋଗ ଦେଇଥିଲେ। ଏକ ସଚେତନତା ରାଲି ବିଦ୍ୟାଳୟରୁ ବାହାରି ପାଟଣା ବଜାର, ସଁରାପଶି, ଟାଇଁଶିରା, କାମେଶ୍ୱରପୁର ଓ ଦୁର୍ଗାଦେଇପୁର ପରିକ୍ରମା କରିଥିଲା। ବ୍ଲକ ସ୍ତରରୁ ମୋଟ ୫୪ ଛାତ୍ରୀଛାତ୍ର କୁଇଜ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିଲେ। ଜିଏନ ହାଇସ୍କୁଲର ଅଷ୍ଟମ ଶ୍ରେଣୀର ଛାତ୍ରୀ ଦୀପିକା ମହାନ୍ତ ଏଥିରେ ପ୍ରଥମ ସ୍ଥାନ ଅଧିକାର କରିବା ସହ ଜିଲା ସ୍ତରରେ ମଧ୍ୟ ସଫଳତା ଲାଭ କରିଥିଲେ।

## ହାତୀ ଶାବକ ଜନ୍ମ

ଝୁମ୍ପୁରା, ୧୫।୧୨ (ଡି.ଏନ.ଏ.): ଚମ୍ପୁଆରେ ବାଲିବନ୍ଧ ଫରେଷ୍ଟ ଅନ୍ତର୍ଗତ ଦେଓଝର ପାହାଡ଼ରେ ରବିବାର ଭୋର ସମୟରେ ଏକ ହାତୀ ଶାବକ ଜନ୍ମ ହୋଇଥିବା ବାଲିବନ୍ଧ ଫରେଷ୍ଟର ଖଗେଶ୍ୱର ବାରିକ ସୂଚନା ଦେଇଛନ୍ତି। ପ୍ରକାଶ ଯେ, ଦେଓଝର ପାହାଡିଆ ଅଞ୍ଚଳରେ ବର୍ତ୍ତମାନ ୧୯ଟି ହାତୀ ରହୁଛନ୍ତି। ନିକଟସ୍ଥ ଗ୍ରାମାଞ୍ଚଳକୁ ପ୍ରତ୍ୟହ ଏହି ହାତୀପଲ ଚାଲି ଆସୁଥିଲେ ହେଁ, ଗତ ଦୁଇଦିନ ଧରି ହାତୀପଲଙ୍କର ଦେଖା ମିଳି ନ ଥିଲା। ବାଲିବନ୍ଧ ସେକଶନର ବନ ବିଭାଗ କର୍ମଚାରୀ ଏହା ଦେଖି ହାତୀପଲକୁ ଖୋଜିବା ସହିତ ଦେଓଝର ପାହାଡରେ ଠାବ କରିଥିଲେ। ଏହି ସମୟରେ ହାତୀପଲରେ ଥିବା ମାଈ ହାତୀଟି ଶାବକ ଜନ୍ମ କରିଥିବା ଜଣା ପଡ଼ିଥିଲା। ଶାବକ ଜନ୍ମ ହେବାପରେ ହାତୀପଲ ଶାବକକୁ ନେଇ କନକନା ଜଙ୍ଗଲକୁ ଚାଲି ଯାଇଥିବା ବାଲିବନ୍ଧ ଫରେଷ୍ଟ ସେକଶନ ପକ୍ଷରୁ କୁହାଯାଇଛି।

# ପର୍ଯ୍ୟଟକଙ୍କୁ ଆକୃଷ୍ଟ କରୁଛି ସୋରିଷ ଫୁଲ

ନରେଶ ଚନ୍ଦ୍ର ପଟ୍ଟନାୟକ

କେନ୍ଦୁଝର, ୧୫।୧୨

କେନ୍ଦୁଝର ଜିଲାର ପାହାଡିଆ ରାସ୍ତା ଓ ସବୁଜ ଜଙ୍ଗଲ ଯାତାୟାତ କରୁଥିବା ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିଥାଏ। ଏହି ଜଙ୍ଗଲ ପରିବେଷ୍ଟିତ ପାହାଡ ଓ ଜମିରେ ସୋରିଷ ଓ ରାଶି ଫୁଲର ସୌନ୍ଦର୍ଯ୍ୟ ପର୍ଯ୍ୟଟକଙ୍କ ମନମୁଗ୍ଧ କରିଥାଏ। ପାହାଡର ସବୁଜ ବନାନୀ ମଧ୍ୟରେ ହଳଦିଆ ରଙ୍ଗର ଏହି ଫୁଲର ମନୋରମ ଦୃଶ୍ୟ ଅନେକଙ୍କୁ ବିମୋହିତ କରିଥାଏ। ଘାଟି ରାସ୍ତାରୁ ସେହିପରି ଏହି ଫୁଲର ମହକ ସେମାନଙ୍କୁ ମତୁଆଲା କରିଥାଏ । ସୋରିଷ ଫୁଲରୁ ମହୁ ନେବା ପାଇଁ ମହୁମାଛିଙ୍କ ଉଡିବୁଲୁଥିବା ଦୃଶ୍ୟ ଏବଂ ଫୁଲରେ ବସି ମହୁ ସଂଗ୍ରହର ଦୃଶ୍ୟ ଅନେକ ଲେଖକ, ଭାବୁକ ତଥା ପରିବେଶ ପ୍ରେମୀଙ୍କୁ ବିମୋହିତ କରିଥାଏ । ଅନେକ ଗାଡିରୁ କିଛି କ୍ଷଣ ଓହ୍ଲାଇ ଏହି ଦୃଶ୍ୟକୁ ଭଲ ଭାବରେ ଉପଭୋଗ କରିବା ସହ ସେଲ୍‌ଫି ଉଠାଇବା ବିଭିନ୍ନ ଭଙ୍ଗୀରେ ଫଟୋ ଉତ୍ତୋଳନ କରି ମଧୁର ସ୍ମୃତିକୁ ସାଉଁଟି ନେଇଯାଆନ୍ତି। ଶୀତ ଦିନରେ



ସୋରିଷ ଫୁଲର ସୌନ୍ଦର୍ଯ୍ୟ।

ପ୍ରଦୂଷଣ ମାତ୍ରା କମ୍ ଥାଏ। ପାହାଡିଆ ଓ ଜଙ୍ଗଲାଞ୍ଚଳରେ ବନବାସୀମାନେ ଏହି ଦିନରେ ସୋରିଷ, ରାଶି ଆଦି ଚାଷ କରିଥାନ୍ତି। ପାହାଡର ଗଡାଣିଆ ଜମିରେ ତଇଳା ସଫା କରି ଏହି ପୋଡୁଚାଷ କରିଥାନ୍ତି। ସତେ ଯେପରି ସବୁଜ ରଙ୍ଗରେ ସଜେଇ ହୋଇଥିବା ପ୍ରକୃତି ପିନ୍ଧିଛି ହଳଦିଆ ରଙ୍ଗର ଓଢଣି । ଜଳବାୟୁ ପରିବର୍ତ୍ତନ ଓ ଜଙ୍ଗଲ ନଷ୍ଟ ଯୋଗୁ ଆଗଭଳି ଏହି ଚାଷ ଓ ସୌନ୍ଦର୍ଯ୍ୟ ଆଉ ଦେଖିବାକୁ ମିଳୁନାହିଁ।

ପ୍ରକାଶ ଯେ କେନ୍ଦୁଝର ଜିଲାରେ ଭରି ରହିଛି ବହୁ ପ୍ରାକୃତିକ ଝରଣା, ଜଳପ୍ରପାତ ସମ୍ବଳିତ ପ୍ରାକୃତିକ ପର୍ଯ୍ୟଟନ କେନ୍ଦ୍ର । ଶୀତ ଦିନରେ ବ୍ୟସ୍ତତା ଜୀବନରୁ କିଛି କ୍ଷଣ ବାହାର କରି ଭୋଜି କରିବା ପାଇଁ ଏବଂ ପ୍ରାକୃତିକ ସୌନ୍ଦର୍ଯ୍ୟ ବୁଲି ଦେଖିବା ପାଇଁ ବହୁ ପର୍ଯ୍ୟଟକ ଆସିଥାନ୍ତି। ସାନଘାଗରା, ବଡଘାଗରା, ଭୀମକୁଣ୍ଡ, ଖଣ୍ଡାଧାର, ହାଣ୍ଡିଭଙ୍ଗା, ମୁର୍ଗା, ଗୁଣ୍ଡିଚାଘାଗୀ ଆଦି ପ୍ରାକୃତିକ ଜଳପ୍ରପାତ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିଥାଏ। ପର୍ଯ୍ୟଟନ ବିଭାଗ ଓ ସ୍ଥାନୀୟ ପ୍ରଶାସନ ଗ୍ରାମବାସୀଙ୍କ ସହାୟତା ପର୍ଯ୍ୟଟକଙ୍କ ସୁବିଧା ପାଇଁ ପଦକ୍ଷେପ ନେଉଛନ୍ତି।

## ଘସିପୁରା କ୍ୟାରମ ଟୁର୍ନାମେଣ୍ଟ ଉଦ୍‌ଘାଟିତ



ଟୁର୍ନାମେଣ୍ଟରେ ଉପସ୍ଥିତ ଅତିଥି ଓ ଖେଳାଳି।

ଘସିପୁରା, ୧୫।୧୨ (ଡି.ଏନ.ଏ.): ଘସିପୁରା କ୍ୟାରମ ଏକାଡେମି ଆନୁକୂଲ୍ୟରେ ରବିଠାରୁ ଦ୍ୱିତୀୟ ଶରତ ସାହୁ ମେମୋରିଆଲ କ୍ୟାରମ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଏହି ଟୁର୍ନାମେଣ୍ଟରେ ଜିଲା ଓ ଜିଲା ବାହାରୁ ମୋଟ ୧୬ଟି ଦଳ ଅଂଶ ଗ୍ରହଣ କରୁଛନ୍ତି। କ୍ରୀଡ଼ା ସଂଗଠକ ବୁଲୁ ପଟ୍ଟନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଘାଟନୀ ସଭାରେ ମୁଖ୍ୟଅତିଥି ଭାବେ ସାମାଜିକ କର୍ମୀ ରଙ୍ଗାଧର ସାହୁ, ମୁଖ୍ୟବକ୍ତା ଭାବେ ରାଜ୍ୟ କ୍ୟାରମ ଆସୋସିଏଶନର ସାଧାରଣ ସମ୍ପାଦକ ପ୍ରଶାନ୍ତ କୁମାର ପତି, ସମ୍ମାନିତ ଅତିଥି ଭାବେ ଦେବଦତ୍ତ ନାୟକ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଉଦ୍‌ଘାଟନୀ ମ୍ୟାଚରେ କେଶଦୁରାପାଳର ନରେନ୍ଦ୍ର ଓ ରମେଶଙ୍କ ଯୋଡ଼ି ଯାଜପୁର ଟାଉନର ପ୍ରଶାନ୍ତ ଓ ସୁଶାନ୍ତ ଯୋଡ଼ିକୁ୩-୧ ସେଟ୍‌ରେ ପରାସ୍ତ କରି କ୍ୱାର୍ଟର ଫାଇନାଲକୁ ପ୍ରବେଶ କରିଛନ୍ତି। ଟୁର୍ନାମେଣ୍ଟକୁ କ୍ଲବ ସଭାପତି ପପି ସ୍ୱାଇଁ, ସଦସ୍ୟ ଦାମୋଦର ସାହୁ, ସରୋଜ ଯେନା, ସଇଳ ରଞ୍ଜନ ସାହୁ, ଶୁଭ୍ରଜିତ ସାହୁ, ଅଭୟ ସାହୁ, ବିଦ୍ୟାଧର ସାହୁ, ସୁଶାନ୍ତ ସାହୁ, କାଶୀନାଥ ସାହୁ ପ୍ରମୁଖ ପରିଚାଳନା କରିଥିଲେ।

# ସରୁନି ପାଇପ୍‌ବିଛା, ଅନିଶ୍ଚିତତାରେ ଜଳଯୋଗାଣ

**ମାନସ ବିଶ୍ୱାଳ**
**ବାଲେଶ୍ୱର ଅଫିସ, ୧୫।୧୨**

ବାଲେଶ୍ୱର ସହରକୁ ୨୦୧୫ରୁ ଅମୃତ ଯୋଜନାରେ ସାମିଲ କରାଯାଇ ପାଇପ୍ ବିଛା କାର୍ଯ୍ୟ ଚାଲିଛି। ୨୦୨୦ ମାର୍ଚ୍ଚ ସୁଦ୍ଧା ଏହି କାମ ଶେଷ କରାଯାଇ ସହରର ପ୍ରତି ଘରକୁ ପାନୀୟ ଜଳ ଯୋଗାଇ ଦେବାକୁ ଲକ୍ଷ୍ୟ ରଖାଯାଇଛି। ଏଯାଏ ୫୦ପ୍ରତିଶତ ପାଇପ୍ ବିଛା କାର୍ଯ୍ୟ ଶେଷ ହୋଇଛି। ହେଲେ ବହୁ ଜାଗାରେ ପାଇପ୍ ବିଛାଇବା ସମୟରେ ସାବଧାନତା ଅବଲମ୍ବନ କରାଯାଉ ନ ଥିବାରୁ ଭାସ୍କରଗଞ୍ଜ, ତେଲେଙ୍ଗାସାହି, ଡିଫେନ୍ସ କଲୋନୀ ଭଳି ବିଭିନ୍ନ ସ୍ଥାନରେ ପୁରୁଣା ପାଇପ୍ ଫାଟିଯାଇ ରାସ୍ତାରେ କୃତ୍ରିମ ନଦୀ ସୃଷ୍ଟି ହୋଇଛି। ଫଳରେ ଉକ୍ତ ଅଞ୍ଚଳର ଲୋକମାନେ ପାଣି ପାଇବାରୁ ବଞ୍ଚିତ ହେଉଛନ୍ତି।

ସହରରେ ୩୧ଟି ୱାର୍ଡରେ ରାସ୍ତା ଖୋଳା ଓ ପାଇପ୍ ବିଛା ଏଯାଏ ଅଧାପନ୍ତରିଆ ଅବସ୍ଥାରେ ରହିଛି। ୨୦୨୦ ସୁଦ୍ଧା ବିଶୁଦ୍ଧ ପାନୀୟଜଳ ଯୋଗାଣ ନିମନ୍ତେ ଯୋଜନା ରଖାଯାଇଥିବା ବେଳେ ସହରର ସମସ୍ତ ରାସ୍ତା ଓ ଗଳିକନ୍ଦିରେ ପାଇପ୍ ବିଛା କାମ ସରିନାହିଁ। ଏଥିସହ ସୋନ ନଦୀରୁ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ନିମନ୍ତେ ପ୍ରୋଜେକ୍ଟ ପରବର୍ତ୍ତୀ ପର୍ଯ୍ୟାୟରେ ପରିବର୍ତ୍ତନ ହୋଇ ସହରରେ ୨୯ଲକ୍ଷ ଲିଟର ଜଳ ଧାରଣ କ୍ଷମତା ଥିବା ୬ଟି ବୃହତ ଟାଙ୍କି ନିର୍ମାଣ ଆରମ୍ଭ ହୋଇଛି। ମୁଖ୍ୟତଃ ଭୂତଳ ଜଳ ଉତ୍ତୋଳନ କରାଯାଇ ସାରା ସହରକୁ ଜଳ ଯୋଗାଣ କାର୍ଯ୍ୟ ଆସନ୍ତା ମାର୍ଚ୍ଚ ସୁଦ୍ଧା ସରିବାର ଯୋଜନା ପ୍ରସ୍ତୁତ ହୋଇଥିବା ବେଳେ ଏଯାଏ ନିର୍ମାଣ କାର୍ଯ୍ୟ ଶେଷ ହୋଇପାରୁ ନାହିଁ। ସହରର ପ୍ରାୟ ୧୭୦ କି.ମି. ରାସ୍ତାରେ ପାଇପ୍ ବିଛା ସରିଛି। ଦୁଃଖର କଥା ଯେ, ପାନୀୟ ଜଳ ଯୋଗାଣ ନାଁରେ ସହରର ପ୍ରମୁଖ ରାସ୍ତାକୁ ବାରମ୍ବାର ଖୋଳାଯିବା ଓ ପୋତିବା କାରଣରୁ ରାସ୍ତା ନଷ୍ଟ ହେଉଛି। ଏ ବାବଦରେ ଗ୍ରାମ୍ୟ ଜନସ୍ୱାସ୍ଥ୍ୟ ବିଭାଗ (ପିଏଚ୍‌ଡ଼ି) ପକ୍ଷରୁ ବିଧିବଦ୍ଧ ଅନୁଧ୍ୟାନ କରାଯାଉ ନ ଥିବାରୁ ଅମୃତ ଯୋଜନାରେ ପାଣି ପାଇପ୍ ବିଛା ନିମ୍ନମାନର ହେଉଥିବା ପରିଲକ୍ଷିତ ହେଉଛି। କେଉଁଠି ରାସ୍ତା ମଝି ତ ଆଉ କେଉଁଠି ୧୦ ଫୁଟ୍ ରାସ୍ତାର ଦୁଇ ପାର୍ଶ୍ୱରେ ପାଣି ପାଇପ୍ ନିମନ୍ତେ ରାସ୍ତା ଖୋଳାଯାଉଛି। ଫଳରେ ସହରର ଗଳିକନ୍ଦି ଓ ପ୍ରମୁଖ ରାସ୍ତା ନଷ୍ଟ ହେବାକୁ ବସିଲାଣି। ପାନୀୟ ଜଳ ଷ୍ଟୋରେଜ ନିମନ୍ତେ ବୃହତ ଟାଙ୍କି ନିର୍ମାଣ ଓ ପ୍ରତି ଘରକୁ ପାନୀୟ ଜଳଯୋଗାଣ ଲାଗି ସଂଯୋଗୀକରଣ ମଧ୍ୟ ସମ୍ପୂର୍ଣ୍ଣ ହୋଇ ନ ଥିବାରୁ ୨୦୨୦ସୁଦ୍ଧା ବିଶୁଦ୍ଧ ପାନୀୟ ଜଳ ଯୋଗାଣ ସମ୍ଭବ ହେବା ନେଇ ଆଶଙ୍କା ଦେଖାଦେଇଛି।

ଏ ସମ୍ପର୍କରେ ଗ୍ରାମ୍ୟ ଜନସ୍ୱାସ୍ଥ୍ୟ ବିଭାଗର ନିର୍ବାହୀ ଯନ୍ତ୍ରୀ ପରମେଶ୍ୱର ଜେନା କହିଛନ୍ତି, ଏହି ଯୋଜନାରେ ସହରରେ ମୋଟ ୨୬୦ କି.ମି. ପର୍ଯ୍ୟନ୍ତ ନୂତନ ପାଇପ୍ ବିଛାଯିବାର ବ୍ୟବସ୍ଥା ରହିଛି। ସେଥିମଧ୍ୟରୁ ୧୮୫ କି.ମି. ନୂତନ ପାଇପ୍ ବିଛା ସରିଲାଣି। ସହରର ବିଭିନ୍ନ ସ୍ଥାନରେ ପାଇପ୍ ଖୋଳିବା ଯୋଗୁ ସୃଷ୍ଟି ହେଉଥିବା ରାସ୍ତା ଦୁରବସ୍ଥାକୁ ମରାମତି କରିବା ପାଇଁ ଗତ ଅକ୍ଟୋବର ୨୯ତାରିଖରୁ ପାଇପ୍ ବିଛା କାମ ବନ୍ଦ କରିବା ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ରାସ୍ତା ମରାମତି କାର୍ଯ୍ୟ ଶେଷ ହୋଇଯାଇଛି। ଜିଲାପାଳଙ୍କ ଅନୁମତି ପରେ ବାକି ଥିବା ୭୫ କି.ମି. ପାଇପ୍ ବିଛାଇବା କାର୍ଯ୍ୟ ଆରମ୍ଭ ହୋଇଯିବ। ନିର୍ଦ୍ଧାରିତ ସମୟ ମାର୍ଚ୍ଚ ୨୦୨୦ ସୁଦ୍ଧା ଲକ୍ଷ୍ୟ ପୂରଣ କରାଯିବା ପାଇଁ ଚେଷ୍ଟା କରାଯାଉଛି ବୋଲି ପ୍ରକାଶ କରିଛନ୍ତି।





ଭାସ୍କରଗଞ୍ଜ ରାସ୍ତାରେ ପାଇପ୍‌ବିଛା କାର୍ଯ୍ୟ ଅଧାପନ୍ତରିଆ ଅବସ୍ଥାରେ ରହିଛି। ପାଇପ୍ ଫାଟି ପୋଲିସ ଲାଇନ୍ ଛକ ରାସ୍ତାରେ ପାଣି।

**ଅମୃତ ଯୋଜନା**
- ଅସାବଧାନତା ଯୋଗୁ ଫାଟିଯାଉଛି ପୁରୁଣା ପାଇପ୍
- ରାସ୍ତା ପାଲଟିଛି କୃତ୍ରିମ ନଦୀ

## କାର୍ଯ୍ୟକ୍ରମ ରୂପାୟନ ଠିକ୍ ଭାବେ ହେଉ ନ ଥିବା ଅଭିଯୋଗ

**ହାଟଡିହୀ, ୧୫।୧୨(ଡି.ଏନ୍.ଏ.):** ଭିନ୍ନକ୍ଷମ ଛାତ୍ରୀଛାତ୍ରଙ୍କ ପାଇଁ ରାଜ୍ୟ ସରକାର ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ସୁନେତ୍ର ଯୋଜନାରେ ଚକ୍ଷୁପରୀକ୍ଷା, ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଖେଳ ପ୍ରତିଯୋଗିତା, ଭିନ୍ନକ୍ଷମ ଦିବସ ପାଳନ ଓ ପୁରସ୍କାର ବିତରଣ, ଦକ୍ଷତାବୃଦ୍ଧି ତାଲିମ ଶିବିର ପ୍ରଭୃତି ଆୟୋଜନ କରାଯାଉଛି। କେନ୍ଦୁଝର ଜିଲା ହାଟଡିହୀ ଶିକ୍ଷା ଜିଲାରେ ଏହି କାର୍ଯ୍ୟକ୍ରମର ରୂପାୟନ ଠିକ୍ ଭାବେ ହେଉ ନ ଥିବା ଅଭିଭାବକମାନେ ଅଭିଯୋଗ କରୁଛନ୍ତି। ଏପରି କି ଛାତ୍ରୀଛାତ୍ରମାନେ ଏ ସମ୍ପର୍କରେ ଆଗୁଆ ସୂଚନା ପାଉ ନ ଥିବାରୁ ସେମାନେ ଅଂଶଗ୍ରହଣ କରିବାରୁ ବଞ୍ଚିତ ହେଉଛନ୍ତି। ଭିନ୍ନକ୍ଷମ ଛାତ୍ରୀଛାତ୍ରଙ୍କ ଲାଗି ଉଦ୍ଦିଷ୍ଟ ଯୋଜନାରେ ଆସୁଥିବା ସରକାରୀ ଅନୁଦାନ କିଭଳି ଖର୍ଚ୍ଚ ହେଉଛି ଏବଂ ଯୋଜନା କିଭଳି କାର୍ଯ୍ୟକାରୀ କରାଯାଉଛି, ତାହାର ତଦନ୍ତ କରିବା ସକାଶେ ବିଭିନ୍ନ ପଦାଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିବା ମାନବାଧିକାର କର୍ମୀ ହିମାଂଶୁ ଶେଖର ନାୟକ କହିଛନ୍ତି। ଏ ସମ୍ପର୍କରେ ବିଇଓ କ୍ଷୀରୋଦ ତ୍ରିପାଠୀଙ୍କୁ ପଚାରିବାରୁ ଭିନ୍ନକ୍ଷମ ଛାତ୍ରୀଛାତ୍ରଙ୍କ ପାଇଁ ଉଦ୍ଦିଷ୍ଟ କାର୍ଯ୍ୟକ୍ରମରେ କୌଣସି ଅନିୟମିତତା ହେଉ ନ ଥିବା ପ୍ରକାଶ କରିଛନ୍ତି।

**ସଂକ୍ଷେପରେ**

## ହାତୀ ଆକ୍ରମଣରେ ଜଣେ ଗୁରୁତର

**ସଜନାଗଡ଼, ୧୫।୧୨(ଡି.ଏନ.ଏ.):** ନୀଳଗିରି ବ୍ଲକ୍ ଗରଡ଼ିହି ପଞ୍ଚାୟତର ଚାଇନ୍ଦର ଗ୍ରାମର ଛାଟିଆ ସିଂଙ୍କ ପୁଅ ସୁଦାମ (୩୫) ରବିବାର ନିକଟସ୍ଥ ଟିଆକଟା ଜଙ୍ଗଲକୁ ଛେଳି ନେଇ ଆସୁଥିବା ବେଳେ ହଠାତ୍ ଏକ ହାତୀ ଅତର୍କିତ ଭାବେ ଗୋଡ଼ାଇଥିଲା। ସୁଦାମ ଜୀବନ ବିକଳରେ ଦୌଡ଼ି ଦୌଡ଼ି ଆସୁଥିବା ବେଳେ ଜଙ୍ଗଲ ମଧ୍ୟରେ ପଡ଼ିଯିବାରୁ ତାର ଛାତିରେ ଗଭୀର ଆଘାତ ଲାଗିଛି। ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

## ପୂର୍ବ ଶତ୍ରୁତାରୁ ଦମ୍ପତିଙ୍କୁ ଆକ୍ରମଣ

**ଭଦ୍ରକ ଅଫିସ, ୧୫।୧୨:** ଭଦ୍ରକ ଜିଲା ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ଜଳଙ୍ଗା ଗ୍ରାମରେ ପୂର୍ବଶତ୍ରୁତାକୁ କେନ୍ଦ୍ରକରି ଏକ ଦମ୍ପତିଙ୍କୁ ଆକ୍ରମଣ କରାଯାଇଛି। ଗୁରୁତର ଅବସ୍ଥାରେ ଦମ୍ପତି ଜିଲା ଚିକିତ୍ସାଳୟରେ ଚିକିତ୍ସାଧୀନ ଥିବା ଜାଣିବାକୁ ମିଳିଛି। ଏ ନେଇ ଗ୍ରାମାଞ୍ଚଳ ଥାନାରେ ଲିଖିତ ଅଭିଯୋଗ ହୋଇଥିଲେ ମଧ୍ୟ ପୋଲିସ ଘଟଣାର ତଦନ୍ତ କରୁ ନ ଥିବା ଅଭିଯୋଗ ହେଉଛି। ଆକ୍ରମଣର ଶିକାର ହୋଇଥିବା ମହିଳାଙ୍କ ଅଭିଯୋଗ ଅନୁଯାୟୀ, ଜଳଙ୍ଗା ବଜାରରେ ତାଙ୍କ ସ୍ୱାମୀଙ୍କର ଏକ ଜଳଖିଆ ଦୋକାନ ରହିଛି। ଶୁକ୍ରବାର ସକାଳେ ଦୋକାନ ଖୋଲିବାକୁ ଯିବାରୁ ସେହି ଗ୍ରାମର ୬ ଜଣ ଆକ୍ରୋଶମୂଳକ ଭାବେ ଉଭୟଙ୍କୁ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ଏଥିସହ ତାଙ୍କର ଏକ ବାଇକ୍ ଭାଙ୍ଗି ଦେଇଥିବା ସେ ଦର୍ଶାଇଛନ୍ତି।

## ବସ୍‌ରେ ହେଲ୍‌ପରଙ୍କୁ ଆକ୍ରମଣ, ୧୦ ହଜାର ଲୁଟ୍

**ସୋର, ୧୫।୧୨(ଡି.ଏନ.ଏ.):** ସୋର ଉତ୍ତରେଶ୍ୱରଠାରେ ଥିବା ଠିପିଖୋଲା ମଦ ଦୋକାନ ନିକଟରେ ଜଣେ ବସ୍ ହେଲପରଙ୍କୁ କାଚରେ ଆକ୍ରମଣ କରି ୨ଜଣ ଯୁବକ ୧୦ ହଜାର ଟଙ୍କା ଲୁଟି ନେଇଛନ୍ତି। ଆକ୍ରମଣର ଶିକାର ହୋଇଥିବା ହେଲପର ହେଉଛନ୍ତି ସୋର ମ୍ୟୁନିସିପାଲିଟି କମରପୁର ଗ୍ରାମର କୈଳାଶ ମହାଳିକ। ସେ ରବିବାର ସନ୍ଧ୍ୟାରେ ମଦ ଦୋକାନ ନିକଟ ଏକ ଦୋକାନରେ ଖାଉଥିବା ବେଳେ ଅନ୍ୟ ୨ଜଣ ଯୁବକ ସେଠାରେ ଖାଉଥିଲେ। କୌଣସି କାରଣରୁ ସେମାନଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ସମ୍ପୃକ୍ତ ୨ ଯୁବକ ହେଲପର୍ କୈଳାଶଙ୍କୁ ଏକ କାଚରେ ଆକ୍ରମଣ କରି ୧୦ ହଜାର ଟଙ୍କା ଲୁଟି ନେଇଥିଲେ। ତାଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ସୋର ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। ପରେ ତାଙ୍କୁ ବାଲେଶ୍ୱର ସ୍ଥାନାନ୍ତର କରାଯାଇଥିଲା।

## ସୂଚନା ଅଧିକାର ଅଭିଯାନ କର୍ମଶାଳା

**ସୋର, ୧୫।୧୨(ଡି.ଏନ୍.ଏ.):** ସୋର ସହରସ୍ଥ ଶିକ୍ଷକ ଭବନ ପରିସରରେ ଓଡିଶା ସୂଚନା ଅଧିକାର ଅଭିଯାନ(ଓସା) ଭଦ୍ରକ ଜିଲା ଶାଖା ପକ୍ଷରୁ ସୂଚନା ଅଧିକାର ସମ୍ପର୍କିତ କର୍ମଶାଳା ଆୟୋଜିତ ହୋଇଯାଇଛି। ଅବସରପ୍ରାପ୍ତ ଶିକ୍ଷକ ଲକ୍ଷ୍ମଣ ପୁହାଣ ପୌରୋହିତ୍ୟ କରିଥିଲେ। ଓସାର ରାଜ୍ୟ ଆବାହକ ପ୍ରଦୀପ କୁମାର ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ଅନ୍ୟତମ ଅତିଥି ଭାବେ ଓସା ଭଦ୍ରକ ଜିଲା ଶାଖା ସଭାପତି ପ୍ରକାଶ କୁମାର ଜେନା, ଆବାହକ ବିଶ୍ୱକେଶରୀ ମହାନ୍ତି ପ୍ରମୁଖ ଯୋଗଦେଇ ଆଲୋଚନା କରିଥିଲେ।



ପ୍ରସ୍ତୁତି ବୈଠକରେ ଅତିଥିଗଣ।

## ଫେବୃୟାରୀ ୨ରେ ପ୍ରତିଭା ସମ୍ମାନ ଉତ୍ସବ

**ବାଲେଶ୍ୱର ଅଫିସ, ୧୫।୧୨**

ବାଲେଶ୍ୱର ସହର ନେଳିଆବାଗସ୍ଥିତ 'ଯୁଗଶ୍ରୀ ଯୁଗନାରୀ' କାର୍ଯ୍ୟାଳୟରେ ନବମ ଥର ପାଇଁ ଜ୍ଞାନଶ୍ରୀ ଆନୁକୂଲ୍ୟରେ ଆୟୋଜିତ ହେବାକୁ ଥିବା ରାଜ୍ୟସ୍ତରୀୟ ପ୍ରତିଭା ସମ୍ମାନ ଉତ୍ସବ 'ଜ୍ଞାନଶ୍ରୀ ପ୍ରତିଭା ସମ୍ମାନ-୨୦୨୦' ପାଇଁ ରବିବାର ପ୍ରଥମ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜ୍ଞାନଶ୍ରୀ ପ୍ରତିଭା ସମ୍ମାନ ଉତ୍ସବ ଅଭ୍ୟର୍ଥନା କମିଟି ସଭାପତି ସମାଜସେବୀ ସୁବାସିନୀ ଜେନା ସଭାପତିତ୍ୱ କରିଥିବାବେଳେ ଜ୍ଞାନଶ୍ରୀର ସମ୍ପାଦକ ପ୍ରଶାନ୍ତ କୁମାର ପଟେଲ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ବୈଠକରେ ରାଜ୍ୟ ଉପଦେଷ୍ଟା କମିଟିର ସଦସ୍ୟା ମମତା ମହାପାତ୍ର, ଅଞ୍ଜଳି ପଣ୍ଡା, କେଶୁ ଦାସ ଏବଂ ଜିଲା ଉପଦେଷ୍ଟା କମିଟିର ସଦସ୍ୟ ସୁରେଶ ଚନ୍ଦ୍ର ଗିରି, ଦିଲୀପ କୁମାର ନାୟକ, ଜଳଧର ପଣ୍ଡା, ସଦସ୍ୟ ରାଜୀବ କୁମାର ମିଶ୍ର, ପ୍ରଭାସ କୁମାର ସାମଲ ଓ ସ୍ୱସ୍ତିକ ମହାପାତ୍ର ଅଂଶଗ୍ରହଣ କରି ମତାମତ ରଖିଥିଲେ।

'ଜ୍ଞାନଶ୍ରୀ ପ୍ରତିଭା ସମ୍ମାନ-୨୦୨୦'କୁ ଆସନ୍ତା ଫେବୃୟାରୀ ୨ତାରିଖରେ ଆୟୋଜନ କରାଯିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯାଇ ପୁରସ୍କୃତ କରାଯିବା ସହିତ 'ଜ୍ଞାନଶ୍ରୀ ପ୍ରତିଭା ସମ୍ମାନ-୨୦୨୦'ରେ ଜୀବନବ୍ୟାପୀ ସାଧନା ପାଇଁ ଜ୍ଞାନଶ୍ରୀ ମହାସମ୍ମାନ ସାଙ୍ଗକୁ ବିଭିନ୍ନ ବିଭାଗରେ ରାଜ୍ୟସ୍ତରୀୟ ପ୍ରତିଭା ସମ୍ମାନ ଏବଂ ଜିଲାର ମହାନ ପ୍ରତିଭାଧାରୀ ପ୍ରତିଭାମାନଙ୍କୁ ମାଟି ଗୌରବ ସମ୍ମାନରେ ସମ୍ମାନିତ କରାଯିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ଶେଷରେ କାର୍ଯ୍ୟକାରୀ ସଦସ୍ୟ ଗୋପବନ୍ଧୁ ଗିରି ଧନ୍ୟବାଦ ଅର୍ପଣ କରିଥିଲେ।

## କ୍ରିକେଟ ଟୁର୍ନାମେଣ୍ଟ: ମା' ଦୁର୍ଗା ଚାମ୍ପିୟନ

**ଖଇରା, ୧୫।୧୨ (ଡି.ଏନ.ଏ.):** ବାଲେଶ୍ୱର ଜିଲା ଖଇରା ବ୍ଲକ କୁରୁଣ୍ଟା ପଞ୍ଚାୟତ ଅଧୀନ କଳିହା ପଡିଆରେ ରବିବାର ଏକ ଦିବସୀୟ କ୍ରିକେଟ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ମା' କଳିହାଶୁଣି କ୍ଲବ ଆନୁକୂଲ୍ୟରେ ଆୟୋଜିତ ଟୁର୍ନାମେଣ୍ଟକୁ ରତ୍ନାକର ବେହେରା ଉଦ୍‌ଘାଟନ କରିଥିଲେ । ମୋଟ ୮ଟି ଦଳ ଅଂଶଗ୍ରହଣ କରିଥିବା ବେଳେ ଫାଇନାଲ ମୁକାବିଲା ସାରଡାଙ୍ଗର ମା' ଦୁର୍ଗା ଟିମ୍ ଓ ମାହାରାସାହିର ଏମ୍‌ଡି କ୍ରିକେଟ ଟିମ ମଧ୍ୟରେ ହୋଇଥିଲା। ସାରଡାଙ୍ଗ ୬୯ରନ ସଂଗ୍ରହ କରିଥିବା ବେଳେ ମାହାରାସାହି ମାତ୍ର ୫୮ରନ ସଂଗ୍ରହ କରି ପରାସ୍ତ ହୋଇଥିଲା । କମଳାକାନ୍ତ ପାଢୀ ଓ ଭରତ କୁମାର ଜେନା ମ୍ୟାଚ ପରିଚାଳନା କରିଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ପ୍ରାକ୍ତନ ଶିକ୍ଷକ ଅଜୟ କୁମାର ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ରମେଶ ବାରିକ, ସଞ୍ଜୟ ବେହେରା, ସରୋଜ ଜେନା, ନିରଞ୍ଜନ ଜେନା, ଜିତେନ୍ଦ୍ର ବାରିକ, କପିଳ ଜେନା, ଅଭିଳାଷ ବାରିକ ଓ ସଂଗ୍ରାମ ବାରିକ ପ୍ରମୁଖ ସହଯୋଗ କରିଥିଲେ।

## ବାର୍ଷିକ କ୍ରୀଡ଼ା: କୃତୀ ଛାତ୍ରୀଛାତ୍ର ପୁରସ୍କୃତ

**ଭଣ୍ଡାରିପୋଖରୀ, ୧୫।୧୨(ଡି.ଏନ.ଏ.):** ଭଣ୍ଡାରିପୋଖରୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ତିନିଦିନ ଧରି ଚାଲିଥିବା ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବକୁ ପ୍ରଧାନ ଶିକ୍ଷକ ରମାକାନ୍ତ ଲେଙ୍କାଙ୍କ ଅଧ୍ୟକ୍ଷତାରେ କ୍ରୀଡ଼ା ଶିକ୍ଷକ ମାନସ କୁମାର ସାହୁ ପରିଚାଳନା କରିଥିଲେ। ସିନିୟର, ଜୁନିୟର ଓ ସବ୍‌ଜୁନିୟର ବିଭାଗରେ ପ୍ରତିଯୋଗିତା ହୋଇଥିବାବେଳେ ଶତାଧିକ ଛାତ୍ରୀଛାତ୍ର ଭାଗ ନେଇଥିଲେ। ସିନିୟର ବିଭାଗରେ ଆଶିଷ କୁମାର ଜେନା ଓ ଜୁନିୟରରେ ଅନୀତା ସିଂ ଚାମ୍ପିୟନ ହୋଇଥିଲେ। ସ୍ମିତା ଚାନ୍ଦ, ତପଜା ସାହୁ, ରୁପାଲି ଅପରାଜିତା ପଟ୍ଟନାୟକ, ବିଷ୍ଣୁପ୍ରିୟା ଜେନା, ବର୍ଷା ପ୍ରିୟଦର୍ଶିନୀ ମଲିକ, ମହାମାୟା ମହାପାତ୍ର, ସୁଜାତା ଦାସ, ନରେନ୍ଦ୍ର ନାୟକ, ଚନ୍ଦ୍ରଶେଖର ପାତ୍ର ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ଚନ୍ଦ୍ରଶେଖର ପାତ୍ର ଧନ୍ୟବାଦ ଦେଇଥିଲେ।

## ରଟିଣାରେ ସତ୍ୟସାଇ ମନ୍ଦିର ପ୍ରତିଷ୍ଠା

**ଖଇରା, ୧୫।୧୨ (ଡି.ଏନ.ଏ.):** ଖଇରା ବ୍ଲକ ରଟିଣା ଗ୍ରାମରେ ସତ୍ୟସାଇ ବାବାଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି । ସକାଳେ ବିଭିନ୍ନ ପୂଜାବିଧି ପରେ ଅପରାହ୍ନରେ ମନ୍ଦିର ପ୍ରତିଷ୍ଠା ସାଙ୍ଗକୁ ଯଜ୍ଞ ପୂର୍ଣ୍ଣାହୁତି ଦିଆଯାଇଥିଲା। ଆୟୋଜିତ ଧର୍ମସଭାରେ ରାଜ୍ୟ ସଭାପତି ନାରାୟଣ ପ୍ରସାଦ ସର, ଜିଲା ସଭାପତି ଶ୍ୟାମାଚରଣ ଦାସମହାପାତ୍ର, ପୂର୍ବତନ ସଭାପତି ଡ ରମାକାନ୍ତ ନାୟକ ପ୍ରମୁଖ ବାବାଙ୍କ ବାଣୀ ଶୁଣାଇଥିଲେ। ପୂର୍ବତନ ଆବାହକ ସୁଦର୍ଶନ ସାହୁ ବିବରଣୀ ପାଠ କରିଥିଲେ। ରଟିଣା ସମିତ ଆବାହକ ଡ ପରୀକ୍ଷିତ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ପର୍ଯ୍ୟଟନ ଓ ସଂସ୍କୃତି ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ବାବାଙ୍କର ଆଶୀର୍ବାଦ ଗ୍ରହଣ କରିଥିଲେ। ଖଇରା ସମିତିର ଆବାହକ ଶୁଭ୍ରାଂଶୁ ଶେଖର ମହାପାତ୍ର ତଥା ଖଇରା, ସଇଁ, ନଟାପଡା ଓ ଗେଙ୍ଗୁଟିଆ ଭଜନମଣ୍ଡଳୀ ଓ ସେବା ଦଳ ଏଥିରେ ସହାୟତା କରିଥିଲେ।

## ବିଦ୍ୟାଳୟରେ ସ୍ୱାସ୍ଥ୍ୟସେବା ଶିବିର




ଶିବିରରେ ଯୋଗଦେଇଥିବା ଡାକ୍ତର ଓ ଅନ୍ୟମାନେ।

**ବସ୍ତା, ୧୫।୧୨(ସ୍ୱ.ପ୍ର.)**

ବସ୍ତା ବ୍ଲକ ଇଡ଼ିଦା ଗୋଲକ ନାରାୟଣ ଉଚ୍ଚ ଇଂରାଜୀ ବିଦ୍ୟାଳୟ ପରିସରରେ ସ୍ୱାସ୍ଥ୍ୟସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ତଥା ସୁବର୍ଣ୍ଣ ଜୟନ୍ତୀ କମିଟି ସଭାପତି ନିତ୍ୟାନନ୍ଦ ଦାସ ଏହାକୁ ଉଦ୍‌ଘାଟନ କରିଥିଲେ। ଅବସରପ୍ରାପ୍ତ କର୍ମଚାରୀ ସଂଘର ସଭାପତି ଧୀରେନ୍ଦ୍ର ନାରାୟଣ ଦାସ ସଭା କାର୍ଯ୍ୟ ପରିଚାଳନା କରିଥିଲେ। ସମ୍ପାଦକ ଇଂ. ବନମାଳୀ ନାୟକ ସୂଚନା ପ୍ରଦାନ କରିଥିବା ବେଳେ ଅତିଥି ଭାବେ ଡା. ମୀରା ପତି, ଡା. ବେଣୁମାଧବ ଶତପଥୀ, ଡା. ରମାକାନ୍ତ ନାୟକ, ଡା. ଜୟନ୍ତ ଦାସ, ଡା. ବାସୁଦେବ ଦାଶ, ଡା. ଶରତ ଦାଶ, ଡା. ତାରାକାନ୍ତ ନନ୍ଦ, କବି ଶିଶିର କୁମାର ରଥ, ସମାଜସେବୀ ପ୍ରଫୁଲ୍ଲ ଜେନା, ନବକିଶୋର ଦାସ ଓ ଶଚୀନ୍ଦ୍ରନାଥ ଦାସ ବକ୍ତବ୍ୟ ରଖିଥିଲେ।

ବିଭିନ୍ନ ବିଭାଗରେ ସ୍ୱାସ୍ଥ୍ୟସେବା ପ୍ରଦାନ ନିମନ୍ତେ ବିଭାଗୀୟ ବିଶେଷଜ୍ଞମାନେ ଉପସ୍ଥିତ ହୋଇଥିଲେ। ଭୁବନେଶ୍ୱର କିମ୍‌ସର ଶିଶୁରୋଗ ପ୍ରଫେସର ଡା. ମହେନ୍ଦ୍ର ବର୍ମା, ଭେଷଜ ପ୍ରଫେସର ଏସ୍. କେ. ଶତପଥୀ, ଲାୟନ୍ସ କ୍ଲବ୍ ବାଲେଶ୍ୱର ଚକ୍ଷୁ ବିଭାଗର ହରିହର ମହାନ୍ତ, ବସ୍ତା ସ୍ୱାସ୍ଥ୍ୟକେନ୍ଦ୍ରର ଡା. ଅଶୋକ ନାୟକ, ଡା. ମମତା ମହାନ୍ତି, ଟେକ୍ନିସିଆନ୍ ଉତ୍ତମ ମହାନ୍ତି, ପରିଦର୍ଶକ ରବୀନ୍ଦ୍ର ସେଠୀ, ବାସନ୍ତୀ ସ୍ୱାଇଁ, ଅନ୍ୟାନ୍ୟ ସ୍ୱାସ୍ଥ୍ୟକର୍ମୀ ତଥା ଆଶାମାନେ ସହାୟତା କରିଥିଲେ। ହାଇସ୍କୁଲର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ଏବଂ ସୁବର୍ଣ୍ଣ ଜୟନ୍ତୀ କମିଟିର ସମସ୍ତ ସଦସ୍ୟମାନେ କାର୍ଯ୍ୟକ୍ରମରେ ସକ୍ରିୟ ଅଂଶଗ୍ରହଣ କରିଥିଲେ। ଶିବିରରେ ୬୫୦ଜଣ ରୋଗୀଙ୍କୁ ସେବା ପ୍ରଦାନ କରାଯାଇଥିଲା। ଇଡ଼ିଦା ସରପଞ୍ଚ ଦେବୀପ୍ରସାଦ ଭଞ୍ଜ ଓ ପୁରାତନ ଛାତ୍ରୀଛାତ୍ର ସହଯୋଗ କରିଥିଲେ।

## ଧାନ ଅମଳ ହ୍ରାସ, ଚାଷୀ ହତାଶ

**ବାଲିଆପାଳ, ୧୫।୧୨(ଡି.ଏନ.ଏ.)**

ବାଲିଆପାଳ ବ୍ଲକ ସମେତ ଗ୍ରାମାଞ୍ଚଳରେ ଖରିଫ ଧାନ ଅମଳ ଆଶାତୀତ ଭାବେ ହ୍ରାସ ପାଇଛି । ଫଳରେ ଚାଷୀ ହତାଶ ହୋଇଛନ୍ତି । ଏବେ ଧାନ ଅମଳ ଜୋରସୋରରେ ଚାଲିଥିବାରୁ ଚାଷୀମାନେ ଏହି ଆଶଙ୍କା ବ୍ୟକ୍ତ କରିଛନ୍ତି। ଚଳିତ ଖରିଫ ଋତୁରେ ଧାନ ଚାଷ ଏହି ଅଞ୍ଚଳରେ ଖୁବ୍ ଭଲ ହୋଇଥିଲା । ଚାଷୀମାନେ ସମବାୟ ଓ ଜାତୀୟକରଣ ବ୍ୟାଙ୍କରୁ କୃଷି ଋଣ ଆଣି ଚାଷ କରିଥିଲେ। ମାତ୍ର ଘୂର୍ଣ୍ଣିଝଡ ବୁଲ୍‌ବୁଲ ପ୍ରଭାବରେ ଚାଷୀଙ୍କର ଧାନ ଚାଷ ଉଜୁଡିଯାଇଛି। ବହୁ ଚାଷୀଙ୍କର ଜମିରୁ ଧାନ ଅମଳ ଅଦ୍ୟାବଧି ହୋଇପାରିନାହିଁ। ପାଣ୍ଡୁ ଓ ଗହୀର ଜମିରେ ପାଣି ଜମି ରହିଛି । ଫଳରେ ଚାଷୀ ଧାନ ଅମଳ କରି ନ ପାରି ହଇରାଣ ହରକତ ହେଉଛନ୍ତି। ବାଲିଆପାଳ ବ୍ଲକର ଭାତଥାଳି କୁହାଯାଉଥିବା ଷୋଳଶା ପାଣ୍ଡୁ ଜମିରେ ଅଦ୍ୟାବଧି ପାଣି ରହିଥିବାରୁ ଧାନକେଣ୍ଡାଗୁଡିକ ପାଣିରେ ପଡି ଭାସୁଛି। ଅନ୍ୟ ପକ୍ଷରେ ଦୈନନ୍ଦିନ ମଜୁରି ମୂଲ୍ୟ ବୃଦ୍ଧି ପାଇ ଚାଲିଥିବାରୁ ପୁରୁଣା ଓ ପୁରୁଖା ଚାଷୀମାନେ ଧାନ ଚାଷ କରିବେ ନାହିଁ ବୋଲି କହିଛନ୍ତି । କେତେକ ଚାଷୀ ବିଲରେ ପାଚିଲା ଧାନ ଛାଡି ଦେଇଆସିଛନ୍ତି। ସେସବୁ ଜମିରେ ଗୋରୁ ବୁଲୁଛନ୍ତି। ତେବେ ଯେଉଁ ଚାଷୀମାନେ ସମବାୟ ଓ ଜାତୀୟକରଣ ବ୍ୟାଙ୍କରୁ ଋଣ ଆଣି ଚାଷ କରିଥିଲେ ସେମାନେ ଧାନ ଅମଳ ହ୍ରାସ ଯୋଗୁ ଚିନ୍ତାରେ ପଡିଛନ୍ତି । ସରକାର ଚାଷୀଙ୍କ ଏହି ସମସ୍ୟାକୁ ସମାଧାନ ନ କଲେ ଏଠାରେ ଚାଷୀ ଆତ୍ମହତ୍ୟା ଭଳି ଘଟଣା ଯେ ନ ଘଟିବ ଏକଥା ଏଡାଯାଇ ନ ପାରେ। ତେବେ ଧାନ ଅମଳ ହ୍ରାସ ନେଇ ସରକାରଙ୍କୁ ଜଣାଯାଇଛି ବୋଲି ବ୍ଲକ କୃଷି ଅଧିକାରୀ ବିଶ୍ୱନାଥ ମଣ୍ଡଳ କହିଛନ୍ତି ।

## ଅମ୍ବିକା ସାହିତ୍ୟ ସଂସଦର କବିତା ପାଠୋତ୍ସବ

**ଖଇରା, ୧୫।୧୨(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ କୁପାରୀ ମା' ଅମ୍ବିକା ସାହିତ୍ୟ ସଂସଦର କବିତା ପାଠୋତ୍ସବ ଓ ବାର୍ଷିକ ଉତ୍ସବ ପ୍ରସ୍ତୁତି ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି । ଶରତ କୁମାର ବିଶ୍ୱାଳ ଏଥିରେ ପୌରୋହିତ୍ୟ କରିଥିଲେ। ପ୍ରଗତିଶୀଳ ଓଡିଆ ଜାତିର ପର୍ବପର୍ବାଣୀ ଶୀର୍ଷକ ଆଲୋଚନାରେ ସାହିତ୍ୟିକମାନେ ନିଜ ନିଜର ମତ ଦେଇଥିଲେ। ପରେ ଆଗାମୀ ବାର୍ଷିକ ଉତ୍ସବ ପାଳନ ସମ୍ପର୍କରେ ଆଲୋଚନା କରାଯାଇଥିଲା । ଏହି ଅବସରରେ ଆୟୋଜିତ କବିତା ପାଠୋତ୍ସବରେ ଶଙ୍କର୍ଷଣ ଜେନା କବିତାର ସଂଯୋଜନା ଓ ବସନ୍ତ କୁମାର ଦାସ ସମୀକ୍ଷା କରିଥିଲେ। ପୁରୁଷୋତ୍ତମ ବିଶ୍ୱାଳ, ଲକ୍ଷ୍ମୀକାନ୍ତ ବିଶ୍ୱାଳ, ଚିନ୍ତାମଣୀ ସେଠୀ, ବାବାଜୀ ଚରଣ ଦାସ, ମହେଶ୍ୱର ମହାପାତ୍ର, ଶରତ ଚନ୍ଦ୍ର ଜେନା, ବିଜୟ କୃଷ୍ଣ ମହାପାତ୍ର, ଅର୍ଜୁନ ଚରଣ ମହାରଣା, ବିଷ୍ଣୁପଦ ମହାରଣା, ବିଶ୍ୱନାଥ ନାଇକ, ପ୍ରସନ୍ନ ମଣ୍ଡଗଜ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଜଗନ୍ନାଥ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।




କବିତା ପାଠୋତ୍ସବରେ ଉପସ୍ଥିତ କବି, ସାହିତ୍ୟିକ।

## 'ଉତ୍ତମ ଶିକ୍ଷା ଭବିଷ୍ୟତ ଗଢ଼ିଥାଏ'

**ସଜନାଗଡ଼, ୧୫।୧୨(ଡି.ଏନ.ଏ.)**

ନୀଳଗିରି ବ୍ଲକ ଅନ୍ତର୍ଗତ ରାଜବରହମ୍ପୁର ସ୍ଥିତ ଦୀନବନ୍ଧୁ ନୋଡ଼ାଲ ମାଧ୍ୟମିକ ବିଦ୍ୟାଳୟ ବାର୍ଷିକ ଉତ୍ସବ ରବିବାର ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଓଡ଼ିଶାର ରାଜସ୍ୱ ବିପର୍ଯ୍ୟୟ ପରିଚାଳନା ବିଭାଗର ମନ୍ତ୍ରୀ ସୁଦାମ ମାରାଣ୍ଡି ଯୋଗଦେଇ ଉତ୍ତମ ଶିକ୍ଷା ହିଁ ମେଧାବୀ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଗଢିଥାଏ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଫକୀରମୋହନ ସାହିତ୍ୟ ପରିଷଦର ସଭାପତି ଶିଶିର ଚନ୍ଦ୍ର ଜେନା ଯୋଗଦେଇ ଉଭୟ ଶିକ୍ଷକ ଓ ଛାତ୍ରୀଛାତ୍ରଙ୍କ ମଧ୍ୟରେ ସମନ୍ୱୟ ସୃଷ୍ଟି ହେଲେ ଶିକ୍ଷାର ବିକାଶ ହୋଇପାରିବ ବୋଲି କହିଥିଲେ। ସମ୍ମାନନୀୟ ଅତିଥି ଭାବେ ଜଙ୍ଗଲ ଓ ପରିବେଶ ବିଭାଗର ଅତିରିକ୍ତ ସଚିବ ସରୋଜ ସେଠୀ ଯୋଗଦେଇ ସୁସ୍ଥ ସମାଜ ଗଠନ କ୍ଷେତ୍ରରେ ଛାତ୍ରୀଛାତ୍ରମାନଙ୍କର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ସମ୍ମାନନୀୟ ଅତିଥି ଭାବେ ଓଡ଼ିଶା ସରକାରଙ୍କର କୃଷକ ଶିଳ୍ପ ନିଗମର ଅଧ୍ୟକ୍ଷ ଦେବାଶିଷ ମହାନ୍ତି, ବାରିପଦା ଡିଭାଇନ୍ ଇନଷ୍ଟିଚ୍ୟୁଟ୍‌ର ଚେୟାରମ୍ୟାନ ବିପ୍ଳବ ବୁଗୁଡ଼ି, ନୀଳଗିରି ବିଡିଓ ରାମଦାସ ଟୁଡୁ ଉପସ୍ଥିତ ଥିଲେ। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଅନିଲ କୁମାର ବେହେରା ସ୍ୱାଗତ ଭାଷଣ ଦେଇଥିବା ବେଳେ ପ୍ରଧାନ ଶିକ୍ଷକ ବିଶ୍ୱନାଥ ସାହୁ ଧନ୍ୟବାଦ ଦେଇଥିଲେ।




ଉଦ୍‌ଯାପନୀ ଉତ୍ସବରେ ମନ୍ତ୍ରୀ ସୁଦାମ ମାରାଣ୍ଡି ଓ ଅନ୍ୟ ଅତିଥିମାନେ।

